

ଯେତେ ଭଲ ହେଉ ପଛକେ ସେହି ଗୋଟିଏ ବିଷୟକୁ ସବୁଦିନ ଶୁଣିଲେ ବିଟା ଲାଗେ। ତେଣୁ ପ୍ରକାରଭେଦ ଦରକାର ।
- ବାକନ୍

## ସଂକ୍ଷେପରେ

### ୮ ଦିନ ପରେ ବି ବିପନ୍ନଙ୍କୁ ମିଳି ନି ସହାୟତା

**ଧର୍ମଶାଳା,୧୧।୫(ଡି.ଏନ୍.ଏ):** ଧର୍ମଶାଳା ବ୍ଲକରେ ଫନୀ ପ୍ରଭାବିତଙ୍କ ନିକଟକୁ ୮ ଦିନ ପରେ ମଧ ଜିଲା କିମ୍ବା ବ୍ଲକ ପ୍ରଶାସନ ପହଞ୍ଚି ପାରି ନାହିଁ ବାତ୍ୟାର ଦୁଇ ଦିନପରେ ପ୍ରବଳ ବର୍ଷା ଏବଂ କିଛିଦିନ ହେବ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ବାତ୍ୟା ବିପନ୍ନଙ୍କ ଅବସ୍ଥା ସଙ୍ଗିନ ହୋଇପଡିଛି। ବିଶେଷକରି ଫନୀ ବାତ୍ୟା ଅଭୟପୁର ପଞ୍ଚାୟତରେ ଡାଲୁଅଧାନ କରିଥିବା ଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଧାନଗୁଡିକ ସବୁ ଅଗାଡି ଯୋଇଯାଇଥିବା ବେଳେ ପାଣି ପଡି ଗଜା ହୋଇଯାଇଥିବା ଦେଖିବାକୁ ମିଳିଛି। ବାତ୍ୟାର ୮ଦିନ ପରେ ବ୍ଲକ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ୪୫ଟି ପଞ୍ଚାୟତ ମଧ୍ୟରୁ ୪ହଜାର କୁଇଣ୍ଟାଲ ଚାଉଳ ଉଠାଯାଇ ମାତ୍ର ୨୫ଟି ପଞ୍ଚାୟତରେ ରିଲିଫ୍ ବଣ୍ଟନ କରାଯାଇଛି। ଅବଶିଷ୍ଟ ୨୦ଟି ପଞ୍ଚାୟତ ପାଖରେ ରିଲିଫ ପହଞ୍ଚି ପାରି ନାହିଁ। ଏହି ବାତ୍ୟାରେ ୬ହଜାରରୁ ଉର୍ଦ୍ଧ୍ୱ ଚାଳଛପର ଘର ସମ୍ପୂର୍ଣ୍ଣ ଓ ଆଂଶିକ ଭାଙ୍ଗିଯାଇଥିଲା ବେଳେ ବର୍ତ୍ତମାନ ସୁଦ୍ଧା ୪ହଜାର ୮ଶହରୁ ଉର୍ଦ୍ଧ୍ୱ ବିପନ୍ନଙ୍କୁ ତହସିଲ ପକ୍ଷରୁ ପଲିଥିନ ବଣ୍ଟନ ହୋଇଛି। ଅପର ପକ୍ଷେ ୧୨ଶହରୁ ଉର୍ଦ୍ଧ୍ୱ ଲୋକ ପଲିଥିନ୍ ପାଇ ପାରି ନ ଥିବା ଜଣାପଡିଛି। ସେହିପରି ଚଳିତ ବାତ୍ୟାରେ ୨ଶହ ହେକ୍ଟର ଡାଲୁଅଧାନ ଓ ୪ଶହ ହେକ୍ଟର ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବ୍ଲକର ୪୦ ପ୍ରତିଶତ ଲୋକ ବିଦ୍ୟୁତ୍ ପାଇପାରି ନାହାନ୍ତି। ବାତ୍ୟା ବିପନ୍ନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ସହ ବିଦ୍ୟୁତ୍ ପହଞ୍ଚି ନ ଥିବା ଗ୍ରାମଗୁଡିକରେ ଟ୍ୟାଙ୍କର ଯୋଗେ ପାଣିଯୋଗାଇ ଦେବା ପାଇଁ ଭାଜପା ପ୍ରାର୍ଥୀ ରମେଶ ଚନ୍ଦ୍ର ପରିଡା ଓ ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ କିଷାନ ପଣ୍ଡା ଦାବି କରିଛନ୍ତି।

### ଫନୀ ବିପର୍ଯ୍ୟୟକୁ ଜାତୀୟ ବିପତ୍ତି ଘୋଷଣା ଦାବି

**ଯାଜପୁର ଅଫିସ,୧୧।୫:** ବିଂଶ ଶତାବ୍ଦୀର ଅନ୍ତିମ ପାଦରେ ସର୍ବାଧିକ ବିଭୀଷିକାମୟ ଫନୀର ପ୍ରକୋପ ଓଡିଶାର ଉପକୂଳବର୍ତ୍ତି ଭୂଖଣ୍ଡକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି। ସାମୁଦ୍ରିକ ତୋଫାନର ଅଭୂତପୂର୍ବ ପ୍ରଳୟ ପ୍ରବାହରେ ନିଶ୍ଚିହ୍ନ ହୋଇଯାଇଛି । ବର୍ଷବର୍ଷର ସଞ୍ଚିତ ସମ୍ବଳ, ବୃକ୍ଷ ସମ୍ପଦ, ସବୁଜ ଶସ୍ୟଶ୍ୟାମଳ, ପଲ୍ଲିଜୀବନ, ଗୃହପାଳିତ ପଶୁପକ୍ଷୀ ପ୍ରଭାବିତ ହୋଇଛି। ତେଣୁ ଏହି ବିପର୍ଯ୍ୟୟକୁ ଜାତୀୟ ବିପତ୍ତି ଘୋଷଣା କରିବାକୁ ଶ୍ରମିକନେତା ମାୟାଧର ନାୟକ ଏକ ପ୍ରେସ୍ ବିବୃତିରେ ଦାବି କରିଛନ୍ତି।

### ବରୀରେ ଶନିଶ୍ଚର ମେଳା

**ରତ୍ନଗିରି,୧୧।୫(ଡି.ଏନ.ଏ.):** ଶନିଶ୍ଚର ମେଳା ପାଇଁ ବରୀ ଅଞ୍ଚଳର ଶନି ମନ୍ଦିରରେ ଶନିବାର ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଛି। ନଦୀରୁ ପାଣି ଆଣି ଏହି ଅଞ୍ଚଳର ସାହସପୁର, ହଳଦୀ ବସନ୍ତ, ତାଲୁଆ ଆଦି ଶନିମନ୍ଦିର ନିକଟ ଓସ୍ତ ଗଛ ମୂଳରେ ଢାଳିଲେ ମାନସିକ ପୂରଣ ହୁଏ ବୋଲି ପ୍ରବାଦ ରହିଛି। ଫଳରେ ଶହଶହ ସଂଖ୍ୟାରେ ମହିଳା ଓ ପୁରୁଷ କଳସଯାତ୍ରାରେ ଆସି ପାଣି ଢାଳିଥିବା ଦେଖିବାକୁ ମିଳିଥିଲା। ଗ୍ରୀଷ୍ମପ୍ରବାହ ସତ୍ତ୍ୱେ ଶ୍ରଦ୍ଧାଳୁମାନେ ମନ୍ଦିର ପରିସରରେ ଦୀର୍ଘ ସମୟ ଧରି ଅପେକ୍ଷା କରିରହିଥିଲେ। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ପୁନଃ ମତଦାନ ପାଇଁ ଜିଲାର ୯ବୁଥ୍ ଚିହ୍ନଟ

# 'ପକ୍ଷପାତିତା, ସୁହାଇଲା ଭଳି ନିଷ୍ପତ୍ତି'

- ଭାଜପା, କଂଗ୍ରେସ ଆଣିଲେ ଅଭିଯୋଗ
- ସିଇଓଙ୍କ ଘୋଷଣା ପୂର୍ବରୁ ହୋଇଥିଲା ଲିକ୍

**ଯାଜପୁର ଅଫିସ,୧୧।୫**

ରାଜ୍ୟରେ ୩ୟ ଓ ୪ର୍ଥ ପର୍ଯ୍ୟାୟ ମତଦାନ ସମୟରେ ମନୁଷ୍ୟକୃତ ତ୍ରୁଟି ଏବଂ ଅନିୟମିତତା ଯୋଗୁ ସ୍ଥଗିତ ରହିଥିବା ୩୪ଟି ବୁଥରେ ଆସନ୍ତା ୧୯ତାରିଖରେ ପୁନଃ ମତଦାନ କରାଯିବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର ଶୁକ୍ରବାର ଘୋଷଣା କରିଛନ୍ତି। ଏଗୁଡ଼ିକ ମଧ୍ୟରୁ ଯାଜପୁର ଜିଲାର ୯ଟି ବୁଥ ରହିଛି। ସେଗୁଡ଼ିକ ମଧ୍ୟରେ ବରୀ ନିର୍ବାଚନମଣ୍ଡଳୀର ୫, ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ୨, ସୁକିନ୍ଦା ଓ ଧର୍ମଶାଳା ନିର୍ବାଚନମଣ୍ଡଳୀର ଗୋଟିଏ ଲେଖାଏ ବୁଥ ରହିଛି। ସିଇଓଙ୍କ ଏହି ଘୋଷଣା ପରଠାରୁ ତିନି ପ୍ରମୁଖ ଦଳର ପ୍ରାର୍ଥୀ ଓ କର୍ମୀଙ୍କ ମଧ୍ୟରେ ପୁଣି ତତ୍ପରତା ପ୍ରକାଶ ପାଇଛି। ତେବେ ସିଇଓଙ୍କ ଏହି ଘୋଷଣାର ୪/୫ ଦିନ ପୂର୍ବରୁ ଜିଲାର ଉପରୋକ୍ତ ୯ଟି ବୁଥରେ ପୁନଃ ମତଦାନ ହେବ ବୋଲି ବିଭିନ୍ନ ଗଣମାଧ୍ୟମ ତଥା ସୋସିଆଲ ମିଡିଆରେ ଖବର ଘୁରି ବୁଲିଥିଲା। ସିଇଓଙ୍କ ଘୋଷଣା ପୂର୍ବରୁ ଏଭଳି ତଥ୍ୟ କିପରି ଲିକ୍ ହେଲା ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏଥିରୁ ଜିଲାରେ ଗତ ୨୯ ତାରିଖରେ ୪ର୍ଥ ପର୍ଯ୍ୟାୟରେ ହୋଇଥିବା ନିର୍ବାଚନର ସ୍ୱଚ୍ଛତା ଓ ନିରପେକ୍ଷତା ନେଇ ପ୍ରଶ୍ନ ଉଠିଛି। ଏପରିକି ପୁନଃ ମତଦାନରେ ବୁଥ ଚିହ୍ନଟକୁ ନେଇ ମଧ୍ୟ ଅଙ୍ଗୁଳି ଉଠିଛି। ଯେଉଁ ବୁଥଗୁଡ଼ିକରେ ବାସ୍ତବରେ ରିଗିଂ, ଅନିୟମିତତା ତଥା ମନୁଷ୍ୟକୃତ ତ୍ରୁଟି ପରିଲକ୍ଷିତ ହୋଇଥିବା ଅଭିଯୋଗ ହୋଇଥିଲା ସେଠାରେ ପୁନଃ ମତଦାନ ନ କରି ଶାସକ ଦଳର ପରାମର୍ଶରେ ପୁନଃ ମତଦାନ ପାଇଁ ବୁଥ ଚିହ୍ନଟ ହୋଇଛି ବୋଲି ଭାଜପା ଓ କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି ।

ଗତ ୨୯ ତାରିଖରେ ଚତୁର୍ଥ ପର୍ଯ୍ୟାୟରେ ଜିଲାର ଗୋଟିଏ ଲୋକ ସଭା ଓ ୭ଟି ବିଧାନସଭା ଆସନ ପାଇଁ ମତଦାନ ହୋଇଥିଲା । ଏଥିରେ ୭୩.୭୬ ପ୍ରତିଶତ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିଥିଲେ। ତେବେ ନିର୍ବାଚନ ସମୟରେ ଜିଲାର କେତେକ ବୁଥରେ ଫଲ୍ସ ଭୋଟିଂ, ବୁଥ କ୍ୟାପ୍‌ଚରିଂ ଆଦି ହୋଇଥିବା ସୋସିଆଲ ମିଡିଆରେ ଘୁରି ବୁଲିଥିବା ସହ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏପରିକି କଂଗ୍ରେସ ଓ ଭାଜପା ପକ୍ଷରୁ ଜିଲାପାଳ, ଏସ୍‌ପି, ସିଇଓ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କଂଗ୍ରେସ ପକ୍ଷରୁ ସୁକିନ୍ଦା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ଶରତ ରାଉତ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଓ କରି ଏହି ମର୍ମରେ ସ୍ମାରକପତ୍ର ମଧ୍ୟ ପ୍ରଦାନ କରିଥିଲେ। ମାନତିରା ପଞ୍ଚାୟତର ୧୮୧,୧୮୨ ଓ ୧୮୩ ନମ୍ବର ବୁଥରେ ଅନିୟମିତତା ସହ ରିଗିଂ ହୋଇଥିବା ସେ ଦାବି କରିଥିଲେ। କିନ୍ତୁ ଏହି ଦାବିକୁ ଅଗ୍ରାହ୍ୟ କରି କେବଳ ୧୯୬ ନମ୍ବର ବୁଥ ଓଳଳ ପ୍ରାଥମିକ ସ୍କୁଲରେ ସାନି ନିର୍ବାଚନ କରିବାକୁ ସିଇଓ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ବରୀ ନିର୍ବାଚନମଣ୍ଡଳୀର ୮୨ ନମ୍ବର ସଙ୍ଗଦଦେଇପୁର ପ୍ରାଥମିକ ବିଦ୍ୟାଳୟ, ୧୫୮ ନମ୍ବର ରାମଚନ୍ଦ୍ରପୁର ସରକାରୀ ନୋଡାଲ ହାଇସ୍କୁଲ, ୧୬୨ ଓ ୧୬୩ ନମ୍ବର ଅଲିପୁର ବ୍ରଜବନ୍ଧୁ ନୋଡାଲ ଉପ୍ରା ସ୍କୁଲ ଓ ୧୯୪ ନମ୍ବର ବାଲିବୁଲ ନୋଡାଲ ପ୍ରାଥମିକ ସ୍କୁଲ, ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ୧୩୫ ନମ୍ବର କଲ୍ୟାଣପୁର ପ୍ରାଥମିକ ସ୍କୁଲ ଓ ୧୯୧ ଥାଲକୁଡି ପ୍ରକଳ୍ପ ସ୍କୁଲ ଏବଂ ଧର୍ମଶାଳା ନିର୍ବାଚନମଣ୍ଡଳୀର ୧୪୮ମିର୍ଜାପୁର ପ୍ରାଥମିକ ସ୍କୁଲରେ ପୁନଃ ମତଦାନ କରିବାକୁ ସିଇଓ ଘୋଷଣା କରିଛନ୍ତି। ତେବେ ଏହାକୁ ବିରୋଧୀ କଂଗ୍ରେସ ଓ ଭାଜପାର ପ୍ରାର୍ଥୀମାନେ ସହଜରେ ଗ୍ରହଣ କରିପାରି ନାହାନ୍ତି। ସାନି ବୁଥ ଚିହ୍ନଟ ସମ୍ପୂର୍ଣ୍ଣ ଭାବେ ପକ୍ଷପାତିତତା ହୋଇଛି ବୋଲି ଅଭିଯୋଗ କରିଛନ୍ତି। ଏସଂକ୍ରାନ୍ତରେ କଂଗ୍ରେସ ନେତା ଶରତ ରାଉତ କହିଛନ୍ତି ନିର୍ବାଚନ ଅଧିକାରୀଙ୍କ ଆଖିକାନ ନାହିଁ । ମତଦାନ ସମୟରେ ହୋଇଥିବା ବିଭିନ୍ନ ଅନିୟମିତତା ସମ୍ପର୍କରେ ସେମାନେ ସବୁ ଦେଖିଛନ୍ତି । ଏନେଇ କଂଗ୍ରେସ ପକ୍ଷରୁ ଧାରଣା ମଧ୍ୟ ଦିଆଯାଇ ସିଇଓ, ଏସପି, ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହେଲେ କୌଣସି ଅଭିଯୋଗକୁ ଜିଲା ପ୍ରଶାସନ ନ ଶୁଣି ଶାସକ ଦଳକୁ ସୁହାଇଲା ଭଳି ବୁଥଗୁଡ଼ିକରେ ପୁନଃ ମତଦାନ କରିବାକୁ ସିଇଓ ଏଭଳି ଘୋଷଣା କରିଛନ୍ତି ବୋଲି ସେ କହିଛନ୍ତି । ଅନ୍ୟପକ୍ଷେ ଭାଜପା ଜିଲା ସଭାପତି ଗୌତମ ରାୟ କହିଛନ୍ତି ବିଜେଡିର ଡିମାଣ୍ଡ ଅନୁଯାୟୀ ପୁନଃ ମତଦାନ ପାଇଁ ବୁଥ ଚିହ୍ନଟ ହୋଇଛି । ଯାଜପୁର ନିର୍ବାଚନମଣ୍ଡଳୀର ଦଶରଥପୁର ବ୍ଲକ ଅନ୍ତର୍ଗତ ବିରଜାପୁର ପଞ୍ଚାୟତରେ ବୁଥ ନମ୍ବର ୧୬୨ ଓ ୧୬୩ ଏବଂ ଚିତାଳୋ ପଞ୍ଚାୟତର ଝାଡଙ୍ଗା ବୁଥ୍ ନଂ ୧୪୯, ଖଇରାବାଦ୍ ଗ୍ରାମପଞ୍ଚାୟତ ଅଡ଼ଙ୍ଗ ବୁଥ୍ , ତଳିହା ଗ୍ରାମପଞ୍ଚାୟତର ବିନ୍ଧାନନ୍ଦିପୁର, ଯାଜପୁର ବ୍ଲକ୍ ଯାହାନପୁର ପଞ୍ଚାୟତର ବାଲିଆମୁଣ୍ଡୁଳିରେ ଶାସକ ଦଳର କର୍ମୀମାନେ ରିଗିଂ କରିଥିଲେ ବୋଲି ଅଭିଯୋଗ କରିଥିଲୁ। ମତଦାନ ଦିନ ମଧ୍ୟ ଜିଲାପାଳଙ୍କୁ ଏନେଇ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହେଲେ ଏହିସବୁ ବୁଥରେ ପୁନଃ ମତଦାନ କରା ନ ଯାଇ ଶାସକ ଦଳକୁ ସୁହାଇଲା ଭଳି ପୁନଃ ମତଦାନ ହେଉଛି ବୋଲି ରାୟ ପ୍ରକାଶ କରିଛନ୍ତି। ତେବେ ସମସ୍ତ ଦିଗକୁ ତର୍ଜମା କରି ସାନି ନିର୍ବାଚନ ପାଇଁ ବୁଥ ଚିହ୍ନଟ ହୋଇଛି ଏଥିରେ କୌଣସି ପକ୍ଷପାତିତା ହୋଇନାହିଁ ବୋଲି ଜିଲା ପ୍ରଶାସନ ପକ୍ଷରୁ ଦୃଢୋକ୍ତି ପ୍ରକାଶ ପାଇଛି ।

## ସତ୍ୟସାଇ ଟ୍ରଷ୍ଟ ପକ୍ଷରୁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର

**ରସୁଲପୁର,୧୧।୫(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆସ୍ଥିତ ଶ୍ରୀ ଶ୍ରୀ ସତ୍ୟସାଇ ସେବା ଟ୍ରଷ୍ଟ ପକ୍ଷରୁ ଶନିବାର ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ବାତ୍ୟା ଫନୀରେ ପ୍ରଭାବିତ ଗରୀବ ଶିବିରାର୍ଥୀଙ୍କୁ ଶିବିରରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଛି। ସତ୍ୟସାଇଙ୍କ ବାଣୀ ମୁତାବକ ସେବା ହିଁ ପରମ ଧର୍ମ ଉକ୍ତି ଆଧାରରେ ବଭିନ୍ନ ସମୟରେ ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର, ଯାତ୍ରା ମେଳାରେ ସଚେତନତା ଓ ସହାୟତା ପ୍ରଦାନ କରାଯାଉଛି। ମାତ୍ର ବିପତ୍ତି ସମୟରେ ବିପନ୍ନମାନଙ୍କ ପାଇଁ କାମ କରିବା ଦିଗରେ ଟ୍ରଷ୍ଟର ସର୍ବଦା ଗୁରୁତ୍ୱାରୋପ ଦେଇ ଆସୁଛି। ସେହି ଆଧାରରେ ଏଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସେବା ଶିବିରରେ ବାତ୍ୟା ପ୍ରଭାବିତ ଅଞ୍ଚଳର ଶତାଧିକ ଶିବିରାର୍ଥମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକୀୟ ସହାୟତା ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ ପରୀକ୍ଷା ଓ ମାଗଣାରେ ଔଷଧ ପ୍ରଦାନ କରାଯାଇଛି। ଡାକ୍ତର ନିଶିକାନ୍ତ କର ଶିବିରାର୍ଥୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସ୍ୱେଚ୍ଛାସେବୀ ଉମେଶ ନାୟକ, ହୃଷୀକେଶ ସେଠୀ, ସୁରେନ୍ଦ୍ର ତିଆଡି, ପ୍ରଭାକର ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ।

# ୧୭୧ ପରିବାରକୁ ମିଳିଛି ପଲିଥିନ




ତହସିଲଦାର ବାତ୍ୟା ଅଞ୍ଚଳ ପରିଦର୍ଶନ କରୁଛନ୍ତି।

**ବାତ୍ୟାଞ୍ଚଳ ପରିଦର୍ଶନ କଲେ ତହସିଲଦାର**

**ରସୁଲପୁର,୧୧।୫(ଡି.ଏନ୍.ଏ.)**

ରସୁଲପୁର ତହସିଲ ଅଞ୍ଚଳରେ ଫନୀର ପ୍ରଭାବ ବିଶେଷଭାବେ ଅନୁଭୂତ ହୋଇଛି। ଝଡ଼ ତୋଫାନରେ ତହସିଲ ଅଞ୍ଚଳରେ ବହୁ ବଡ଼ ଗଛ ଉପୁଡ଼ି ପଡିଛି। ବିଭିନ୍ନ ସ୍ଥାନରେ ଗମନାଗମନରେ ବାଧା ଉପୁଜିଛଇ। ବିଦ୍ୟୁତ ବିଭ୍ରାଟ ମଧ୍ୟ ଘଟିଛି। ତେବେ ସମୟକ୍ରମେ ସେ ସବୁ ସ୍ଥିତିରେ ଧୀରେ ଧୀରେ ସୁଧାର ଆସିବାରେ ଲାଗିଛି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ ଚାଲିଛି। ବାସଗୃହ କ୍ଷୟକ୍ଷତି ସମ୍ପର୍କରେ ମୋଟାମୋଟି ଭାବରେ ଆଖିଦେଖା ଆକଳନ କରାଯାଇ ରିପୋର୍ଟ ପ୍ରଦାନ କରାଯାଇଛି। ବାତ୍ୟା ଫନୀରେ ହାରାହାରି ୩୦୦୦ରୁ ଉର୍ଦ୍ଧ୍ୱ ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ସେଥିମଧ୍ୟରୁ ୧୦୦ଟି ବାସଗୃହ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି ବୋଲି ପ୍ରାଥମିକ ତଦନ୍ତରେ ଦିଆଯାଇଥିବା ତଥ୍ୟରେ ଦର୍ଶାଯାଇଛି। ତେବେ ଏବେ ବାସ୍ତବ କ୍ଷୟକ୍ଷତିର ଆକଳନ କରାଯାଉଛି। ରାଜସ୍ୱ ନିରୀକ୍ଷକଙ୍କ ନେତୃତ୍ୱରେ ଏକ ତଦନ୍ତକାରୀ ଦଳ ଗାଁ ଗାଁ ବୁଲି କ୍ଷୟକ୍ଷତି ଆକଳନ କରୁଛନ୍ତି। ଅଦ୍ୟାବଧି ହାରାହାରି ଶତକଡ଼ା ୭୦ଭାଗ ତଦନ୍ତ ସରିଲାଣି। ତଦନ୍ତକୁ ତ୍ୱରିତ କରିବା ପାଇଁ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ବିଭିନ୍ନ ଗାଁ ବୁଲିବା ସହ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ପହଁଚି ତଦନ୍ତର ଅଗ୍ରଗତି ସ୍ଥିତି ପରଖିଛନ୍ତି। ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା କରାଯାଇଥିବା ତଦନ୍ତ ରିପୋର୍ଟ ଆଧାରେ ତହସିଲଦାର କେତେକ ସ୍ଥଳରେ କ୍ଷେତ୍ରକୁ ଯାଇ ରିପୋର୍ଟର ବାସ୍ତବତାକୁ ପରଖି ଫେରି ଆସିଛନ୍ତି। ଏହି ତହସିଲ ଅଧିନସ୍ଥ ୬ଟି ରାଜସ୍ୱ ସର୍କଲ ଅଧିନରେ ୧୭୨ଟି ଗାଁ ରହିଛି । ସେଥିମଧ୍ୟରୁ ୧୬୦ଟି ଗାଁରେ ଜନବସତି ରହିଛି । ୨୦୧୧ ଜନଗଣନା ଅନୁସାରେ ତହସିଲ ଅଧିନରେ ୩୬,୮୯୩ ପରିବାର ରହିଥିଲା। ଯାହାକି ଏବେ ୪୦ହଜାରକୁ ଛୁଇଁଲାଣି। ଏଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୭୧ ପରିବାରକୁ ପଲିଥିନ ଯୋଗାଇ ଦିଆଯାଇଛି ।ତଦନ୍ତ ରିପୋର୍ଟ ଆଧାରରେ ପଲିଥିନ ପ୍ରଦାନ କରାଯାଉଛି । ଏହି ପକ୍ରିୟା ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଚାଲୁ ରହିବ। ତଦନ୍ତ ରିପୋର୍ଟ ଆସିବା ପରେ କ୍ଷୟକ୍ଷତିର ବାସ୍ତବ ସ୍ଥିତି ଜଣାପଡ଼ିବ। ତଦନ୍ତକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରାଯାଉଛି। ଆସନ୍ତା ସପ୍ତାହରେ ତଦନ୍ତ କାର୍ଯ୍ୟ ଶେଷ କରାଯାଇ ରିପୋର୍ଟ ପ୍ରଦାନ କରାଯିବ ବୋଲି ତହସିଲଦାର ଭୁଜବଳ ପ୍ରକାଶ କରଛନ୍ତି । ସୁପରଭାଇଜର ମହେଶ୍ୱର ସେଠୀ, ରାଜସ୍ୱ ନିରୀକ୍ଷକ ଦୁର୍ଯୋଧନ ଷଡଙ୍ଗୀ, ରମେଶ ସାହୁ ପ୍ରମୁଖ ତଦନ୍ତ କାର୍ଯ୍ୟରେ ସହଯୋଗ କରୁଛନ୍ତି।

## ଟ୍ରକ୍ ଧକ୍କାରେ ୨ ଯୁବକ ଗୁରୁତର

**ଡାକ୍ତରଖାନା ନେବାରେ ବିଳମ୍ବ ଯୋଗୁ ଉତ୍ତେଜନା**

**କାଳିଆପାଣି,୧୧।୫(ଡିଏନଏ)**

କାଳିଆପାଣି ଥାନା କଂସ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଶନିବାର ମଧ୍ୟାହ୍ନରେ ଏକ ଟ୍ରକ ଧକ୍କାରେ ୨ଜଣ ଯୁବକ ଗୁରୁତର ହୋଇଥିଲେ। ଘଟଣାସ୍ଥଳରେ ଠିକ ସମୟରେ ପୋଲିସ ପହଞ୍ଚିଥିଲେ ହେଁ ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନା ନେବାରେ ବିଳମ୍ବ କରିବାରୁ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଆହତ ଯୁବକମାନେ ହେଲେ କେନ୍ଦୁପଡ଼ା ଗ୍ରାମର ବାବୁନ ପୂର୍ତ୍ତୀ (୩୬), ଟଙ୍ଗେଇଶୁଣି ଗ୍ରାମର ଗାନିଆ ହେମ୍ବ୍ରମ (୩୭)।
ପ୍ରକାଶ ଯେ, ଖଣି ଅଞ୍ଚଳରୁ ଶନିବାର ମଧ୍ୟାହ୍ନରେ ଓଆର୦୯ଇ୧୭୧୦ ନମ୍ବର ଟ୍ରକ ଲୋଡିଂ କରି ଟାଟା ଆଡ଼କୁ ଆସୁଥିବାବେଳେ ଏକ ବାଇକ ଯୋଗେ ଉଭୟ ଯୁବକ ନିଜ ଗ୍ରାମକୁ ଯାଉଥିଲେ। ଏହି ସମୟରେ ସେମାନଙ୍କୁ ସମ୍ପୃକ୍ତ ଟ୍ରକ ଧକ୍କା ଦେଇଥିଲା। ଉଭୟ ଗାଡ଼ିରୁ ତଳେ ପଡ଼ିଯାଇଥିବାବେଳେ ବାବୁନୀଙ୍କ ବାମ ଗୋଡ଼ ଉପରେ ଟ୍ରକ ଚଢ଼ି ଯାଇଥିଲା। ଫଳରେ ତାଙ୍କ ବାମ ଗୋଡ଼ ଆଣ୍ଠୁ ତଳକୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ ଗାନିଆଙ୍କର ମଧ୍ୟ ବାମ ଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି। ଖବରପାଇ କାଳିଆପାଣି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ହେଁ ଗୁରୁତର ଯୁବକଙ୍କୁ ତୁରନ୍ତ ଡାକ୍ତରଖାନାକୁନ ନେବାରୁ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଉଭୟଙ୍କୁ ଟାଟା ମେଡିକାକୁ ନେଇ ଚିକିତ୍ସା କରିବା ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଟ୍ରକ ଡ୍ରାଇଭର ଫେରାର ରହିଥିବାବେଳେ ପୋଲିସ ଟ୍ରକକୁ ଜବତ କରିଛି।

## ଶ୍ରୀରାମ ସଚେତନତା ଶୋଭାଯାତ୍ରା

# ରାମ ନାମ ଧ୍ୱନିରେ କମ୍ପିଲା ସହର

**ଯାଜପୁର ଟାଉନ,୧୧।୫(ଡିଏନଏ)**

ଯାଜପୁର ସହରରେ ଶନିବାର ଶ୍ରୀରାମ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଫଳରେ ରାମ ନାମ ଧ୍ୱନୀରେ କମ୍ପି ଉଠିଥିଲା ସମଗ୍ର ସହର। ଶ୍ରୀରାମ ସେବାସଂଘ ପକ୍ଷରୁ ଶହଶହ ଯୁବଗୋଷ୍ଠୀ ଏକାଠି ହୋଇ ଏହି ଶୋଭାଯାତ୍ରାରେ ପରିକ୍ରମା କରିଥିଲେ। ଯାଜପୁରର ବରାହ ମନ୍ଦିରରୁ ଶୋଭାଯାତ୍ରା ବାହାରି ବଲ୍ଲଭିଘାଟ ଛକ, ସାନବଜାର, ବଡ଼ବଜାର, ହାକିମ ବଜାର, ଗାନ୍ଧିଛକ, ମେଡିକାଲ ଛକ, ଗରିଆପୁର, ଯୋଡିକୁଅ , କୁଆଁସରପୁର ଓ ବିରଜାମନ୍ଦିର ରାସ୍ତା ଦେଇ ତ୍ରିଲୋଚନେଶ୍ୱର ମନ୍ଦିରରେ ସମାପନ ହୋଇଥିଲା। ଘଣ୍ଟ, କୀର୍ତ୍ତନ ଓ ପାରମ୍ପରିକ ବାଦ୍ୟଯନ୍ତ୍ର ଆଦି ସହ ପ୍ରଭୁ ଶ୍ରୀରାମଚନ୍ଦ୍ର ଓ ସୀତାଙ୍କ ପ୍ରତିମୂର୍ତ୍ତିକୁ ଶୋଭାଯାତ୍ରାରେ ପରିକ୍ରମା କରାଯାଇଥିଲା। ଯୁବ ସମାଜକୁ ନିଶାମୁକ୍ତ କରିବା ସହ ଆଧ୍ୟାତ୍ମିକ ଚିନ୍ତାଧାରାରେ ସାମିଲ କରିବା ଓ ନଗ୍ନ ଆଧୁନିକତାଠାରୁ ଦୂରରେ ରଖି ନିଜକୁ ହିନ୍ଦୁତ୍ୱ ସହିତ ଯୋଡିବା ପାଇଁ ପ୍ରେରିତ କରିବା ଏହି ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି ଶ୍ରୀରାମ ସେବାସଂଘ ପକ୍ଷରୁ କୁହାଯାଇଛି। ଏଥିରେ ଶ୍ରୀରାମ ସେବାସଂଘର ସଭାପତି ମୃତ୍ୟୁଞ୍ଜୟ ପଟ୍ଟନାୟକ, ସମ୍ପାଦକ ସୁନୀଲ କୁମାର ମହାନ୍ତି , ଲିପୁନ୍ କୁମାର ପାତ୍ର, ରଞ୍ଜନ କୁମାର ମହାନ୍ତି ପ୍ରମୁଖଙ୍କ ସମେତ ଶହ ଶହ ଯୁବକ ସାମିଲ ହୋଇଥିଲେ।



ଶ୍ରୀରାମ ସେବାସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

# ପୋଖରୀରୁ ମୋରମ ଖୋଳାକୁ ଗ୍ରାମବାସୀଙ୍କ ବିରୋଧ

**ସୁକିନ୍ଦା,୧୧।୫(ଡି.ଏନ.ଏ.)**

ସୁକିନ୍ଦା ବ୍ଲକ କୁହିକା ପଞ୍ଚାୟତ ମୂଳଖମ୍ବ ଗ୍ରାମରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣ ହେଉଥିବା ରାସ୍ତାରେ ବେଆଇନଭାବେ ମୋରମ ବ୍ୟବହାର କରାଯାଉଛି। ଠିକାଦାର ଗ୍ରାମବାସୀ ନିର୍ଭର କରୁଥିବା ମଶାଣି ପୋଖରୀରୁ ଜେସିବି ମେଶିନ ସାହାଯ୍ୟରେ ମୋରମ ଖୋଳି ରାସ୍ତା କାମରେ ବ୍ୟବହାର କରୁଛନ୍ତି। ଏ ନେଇ ଶୁକ୍ରବାର ଗ୍ରାମବାସୀ ଓ ଠିକାଦାରଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗ୍ରାମବାସୀ ମୋରମ ଖୋଳାକୁ ବିରୋଧ କରିବା ସହ ଜେସିବି ମେଶିନକୁ ଅଟକ ରଖିଥିଲେ। ହେଲେ ଠିକାଦାର ପୋଲିସ ଭୟ ଦେଖାଇ ଖସି ପଳାଇବାରେ ସକ୍ଷମ ହେବା ସହ ଜେସିବି ମେଶିନକୁ ନେଇ ପଳାଇଥିଲେ। ଶନିବାର ଠିକାଦାର ପୁନଶ୍ଚ କାର୍ଯ୍ୟ ଆରମ୍ଭ କରିବା ପରେ ଗ୍ରାମବାସୀ ଏ ସମ୍ପର୍କରେ ତହସିଲଦାରଙ୍କୁ ଅବଗତ କରାଇଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଆରଆଇ ଘଟଣାସ୍ଥଳରେ ପହଞ୍ଚିବା ପରେ ଠିକାଦାର ତାଙ୍କୁ ବିଭିନ୍ନ ଅଯୁକ୍ତିକର କଥା କହି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେବା ସହ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ।

ସୂଚନାଯୋଗ୍ୟ, ମୂଳଖମ୍ବ ଗ୍ରାମରେ ଆର୍ ଆଣ୍ଡ ବି ରାସ୍ତାଠାରୁ ମୂଳଖମ୍ବ ଗ୍ରାମର ୧ କି.ମି. ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା ନିର୍ମାଣ କରାଯାଉଛି। ୬୪ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ରାସ୍ତା କଳ୍ପତରୁ ସାହୁ ନାମକ ଠିକାଦାରଙ୍କୁ ଟେଣ୍ଡର ପ୍ରଦାନ କରାଯାଇଛି। ଠିକାଦାର ଗ୍ରାମବାସୀ ନିର୍ଭର କରୁଥିବା ମଶାଣି ପୋଖରୀରୁ ଟ୍ରିପ ଟ୍ରିପ୍ ମୋରମ ଜେସିବି ମେଶିନ ସାହାଯ୍ୟରେ ଉଠାଇ ରାସ୍ତା କାର୍ଯ୍ୟ କରିବା ସହ ବାହାରକୁ ଚାଲାଣ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୋଖରି ଉପରେ ଗ୍ରାମବାସୀ ନିର୍ଭର କରିଆସୁଥିବାବେଳେ ପୋଖରି ହୁଡା ଓ କୋଡରୁ ମୋରମ ମାଟି ତାଡିନେବା ଦ୍ୱାରା ପୋଖରୀର ସ୍ଥାୟିତ୍ୱ ଉପରେ ଗଭୀର ପ୍ରଭାବ ପଡିଛି। ଫଳରେ ଗ୍ରାମବାସୀ ଏକତ୍ରିତ ହୋଇ ଶୁକ୍ରବାର ବିରୋଧ କରିବାରୁ ଠିକାଦାର କାମ ବନ୍ଦ କରି ଜେସିବି, ଡମ୍ପର ନେଇ ପଳାଇ ଯାଇଥିଲେ। ମାତ୍ର ଶନିବାର ସକାଳୁ ପୁଣି ଜେସିବି ମେଶିନ ମାଧ୍ୟମରେ ମାଟି ଖୋଳିଥିଲା। ଯାହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇବା ପରେ ଗ୍ରାମବାସୀ ସୁକିନ୍ଦା ତହସିଲଦାର ବିଶ୍ୱଜିତ ଦାସଙ୍କ ହସ୍ତକ୍ଷେପ ଲୋଡିଥିଲେ। ଫଳରେ ତହସିଲଦାରଙ୍କ ହସ୍ତକ୍ଷେପ ପରେ କାଙ୍କଡପାଳ ସର୍କଲ ରାଜସ୍ୱ ନୀରିକ୍ଷକ ଦିଲୀପ କୁମାର ଚାତାର ଘଟଣାସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ଠିକାଦାରଙ୍କ ଅନୁପସ୍ଥିତିରେ ଚିତ୍ତରଞ୍ଜନ ମୁଦୁଲି ନାମକ ଜଣେ ବ୍ୟକ୍ତି ନିଜକୁ ଠିକାଦାର ପରିଚୟ ଦେଇଥିଲେ ହେଁ ଆରଆଇଙ୍କୁ ସନ୍ତୋଷଜନକ ଉତ୍ତର ଦେଇ ନ ପାରି ଯୁକ୍ତି କରିଥିଲେ। ଗ୍ରାମର କିଛି ବ୍ୟକ୍ତିଙ୍କୁ ହାତବାରିସି କରି ଯେନତେନ ଉପାୟରେ କାର୍ଯ୍ୟ ସାରିଦେବାକୁ ଯୋଜନା କରିଥିଲେ। ଆରଆଇ ଘଟଣାସ୍ଥଳରେ ଦୀର୍ଘ ଘଣ୍ଟା ରହିବାରୁ ପରିଶେଷରେ କାମ ବନ୍ଦ କରି ଠିକାଦାର କାମ ବନ୍ଦ କରିବା ସହ ଜେସିବି ମେଶିନ କାର୍ଯ୍ୟସ୍ଥଳରୁ ନେବାକୁ ବାଧ ହୋଇଥିଲେ।

# କୃଷକ ଦିବସରେ ଚାଷୀଙ୍କୁ ମିଳିଲାନି ସମ୍ମାନ

**ରସୁଲପୁର ବ୍ଲକ**

- କାଗଜ କଲମରେ ସୀମିତ ରହିଲା ଅକ୍ଷୟ ତୃତୀୟା ପାଳନ
- ଆଚରଣବିଧିକୁ ଢାଲ କରି ଖସିବାକୁ ପ୍ରୟାସ

**ରସୁଲପୁର,୧୧।୫(ଡିଏନଏ)**

ସମଗ୍ର ରାଜ୍ୟରେ ଅକ୍ଷୟ ତୃତୀୟାକୁ କୃଷକ ଦିବସ ଭାବେ ପାଳନ କରାଯାଉଛି। ପ୍ରତ୍ୟେକ ବର୍ଷ ଏହି ଦିନରେ ଚାଷୀଙ୍କୁ ସମ୍ମାନିତ କରିବା ପାଇଁ ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀମାନେ ଦିନକ ପାଇଁ ହେଉ ପଛେ କ୍ଷେତରେ ପାଦ ପକାନ୍ତି। ବିଲରେ ଅଖିମୁଠି ବୁଣିବାଠାରୁ ଆରମ୍ଭ କରି ଚାଷୀଙ୍କୁ ବିଭିନ୍ନ କ୍ଷେତ୍ରରେ ସଚେତନ କରିବାର ପ୍ରୟାସ କରନ୍ତି। ଚାଷୀଙ୍କୁ ପ୍ରମାଣପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରନ୍ତି। ହେଲେ ଚଳିତ ବର୍ଷ ଅଗ୍ରଣୀ କୃଷି ବ୍ଲକ ଭାବେ ପରିଚିତ ରସୁଲପୁର ବ୍ଲକରେ ସେଭଳି କିଛି ଦେଖିବାକୁ ମିଳିଲା ନାହିଁ। ଏପରିକି ଚାଷୀଙ୍କୁ ସମ୍ମାନିତ କରାଗଲା ନାହିଁ। ଏଥିପାଇଁ ବ୍ଲକ କୃଷି ଅଧିକାରୀ ଓ କୃଷି କର୍ମଚାରୀ ଆଦର୍ଶ ନିର୍ବାଚନୀ ଆଚରଣ ବିଧିକୁ ଢାଲ କରି ଖସି ଯିବାକୁ ପ୍ରୟାସ କରୁଛନ୍ତି। ସମାନ ଆଚରଣ ନେତା ମନ୍ତ୍ରୀଙ୍କ କ୍ଷେତ୍ରରେ ବି ଦେଖିବାକୁ ମିଳିଛି । ତେବେ ଏ ନେଇ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଖାଦେଇଛି। ରାଜ୍ୟରେ ନିର୍ବାଚନ ଚାଲୁଥିବାବେଳେ ବିଜେଡି ଚାଷୀଙ୍କ ଜମାଖାତାକୁ କାଳିଆ ଟଙ୍କା ପଠାଇବା ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ହେଉ ନାହିଁ; ଅଥଚ କୃଷକ ଦିବସ ପାଳନବେଳେ ନିର୍ବାଚନୀ ଆଚରଣ ବିଧିକୁ ଢାଲ କରାଯିବା କେତେଦୂର ସମୀଚିନ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।
ଏହି ବ୍ଲକର ରାଜେନ୍ଦ୍ରପୁର ପଞ୍ଚାୟତରେ ମଙ୍ଗଳବାର ବ୍ଲକସ୍ତରୀୟ ଅକ୍ଷୟ ତୃତୀୟା ପାଳନ କରିବାକୁ ସମସ୍ତ ପ୍ରସ୍ତୁତି ସରିଥିଲା। ମାତ୍ର ତାହା ସମ୍ଭବପର ହୋଇପାରିଲା ନାହିଁ। ରାତିଅଧିଆ ସ୍ଥାନ ପରିବର୍ତ୍ତନ କରାଯାଇ କୃଷକ ଦିବସ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଗୃହରେ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚାଷ ଉପରେ କମ୍ ଅଭିଜ୍ଞତା ରଖୁଥିବା ହାତଗଣତି ଚାଷୀଙ୍କୁ ନେଇ କୃଷକ ଦିବସ ସାରି ଦିଆଯାଇଥିଲା। କେବଳ କାଗଜ କଲମରେ ଦିବସକୁ ସୀମିତ ରଖାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖୋଦ୍ ବ୍ଲକ ସହକାରୀ କୃଷି ଅଧିକାରୀ ଭାଗ୍ୟଧର ସାହୁ ଅନୁପସ୍ଥିତ ଥିଲେ। ତାଙ୍କ ସ୍ଥାନରେ କୃଷି ଓଭରସିଅର ନରହରି ଧଳଙ୍କ ଅଧ୍ୟକ୍ଷତାରେ କୃଷକ ଦିବସ ପାଳନ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅତିଥିଭାବେ ଜିଲା ମୃତ୍ତିକା ପରୀକ୍ଷାଗାର ଅଧିକାରିଣୀ ସସ୍ମିତା ଜେନା, ଅତିରିକ୍ତ ପ୍ରାଣୀଧନ ଚିକିତ୍ସକ ରଞ୍ଜନ କୁମାର ସେଠୀ, ବ୍ଲକ ଉଦ୍ୟାନ କୃଷି କର୍ମଚାରୀ ପ୍ରଭାସ ରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗଦେଇ ଅଭିଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମ ପାଇଁ କୃଷି ସୂଚନା ଓ ବୈଷୟିକ ପରାମର୍ଶ କେନ୍ଦ୍ର ପକ୍ଷରୁ ଅର୍ଥ ବ୍ୟୟ କରିବାର ବ୍ୟବସ୍ଥା ରହିଛି। ମାତ୍ର କାର୍ଯ୍ୟକ୍ରମକୁ ନଗଣ୍ୟ ଭାବେ ପାଳନ କରାଯାଇଛି। ଏ ବାବଦକୁ ଉଦ୍ଦିଷ୍ଟ ଅର୍ଥ ବାଟମାରଣା ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ । ନିର୍ବାଚନ ଅନୁଷ୍ଠିତ ହେବାର ଦେଢମାସ ପୂର୍ବରୁ ସରକାର ପିଠା ଯୋଜନା ଜରିଆରେ ଚାଷୀଙ୍କୁ ସମ୍ବର୍ଦ୍ଧିତ କରୁଥିଲେ। ମାତ୍ର ନିର୍ବାଚନ ସରିବାର ଦିନ କେଇଟା ପରେ ଅକ୍ଷୟ ତୃତୀୟା (କୃଷକ ଦିବସ)ରେ କୃଷକମାନେ ସେମାନଙ୍କ ଅଧିକାରରୁ ବଞ୍ଚିତ ହେବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କୁହାଯାଉଛି। ଏ ସମ୍ପର୍କରେ କୃଷି ଓଭରସିଅର ନରହରି ଧଳଙ୍କୁ ପଚାରିବାରୁ, ସହକାରୀ କୃଷି ଅଧିକାରୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଅଖିମୁଠି ପାଳନ ପାଇଁ ସ୍ଥାନ ପରିବର୍ତ୍ତନ କରାଯାଇଛି। କୃଷି ଅଧିକାରୀ ଅନୁପସ୍ଥିତ ରହିବାରୁ ସେ କାମଚଳାଭାବେ କାର୍ଯ୍ୟକ୍ରମକୁ ସାରି ଦେଇଥିଲେ ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ବଳଦକୁ ଟାଣିନେଲା କୁମ୍ଭୀର

ରାଜନଗର, ୧୧।୫ (ଡି.ଏନ୍.ଏ.)
ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଲୋକନାଥପ୍ରସାଦ ଗ୍ରାମର କିଶୋର ରାଉତଙ୍କ ବଳଦକୁ ଶନିବାର ଏକ କୁମ୍ଭୀର ଟାଣିନେଇଛି। ପୂର୍ବାହ୍ନ ପ୍ରାୟ ୮ଟା ବେଳେ ବ୍ରାହ୍ମଣୀ ନଦୀପଠାରେ ଉକ୍ତ ବଳଦଟି ଚରୁଥିବା ବେଳେ କୁମ୍ଭୀର ଝାମ୍ପମାରି ବଳଦକୁ ଟାଣିନେଇଥିବା ଜଣାପଡ଼ିଛି। ଶୁକ୍ରବାର ନଳପାହି ଗ୍ରାମର ଏକ ବଳଦକୁ କୁମ୍ଭୀର ଟାଣି ନେଇଥିବା ବେଳେ ଶନିବାର ଲୋକନାଥପ୍ରସାଦ ଗ୍ରାମର ଆଉ ଏକ ବଳଦକୁ କୁମ୍ଭୀର ଟାଣିନେବା ଫଳରେ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

### ମେଡ଼ିସିନ ରିପ୍ରେଜେଣ୍ଟେଟିଭଙ୍କ ଭିଡ଼, ରୋଗୀ ହତାଶ

କେନ୍ଦ୍ରାପଡା ଅଫିସ, ୧୧।୫-
ସରକାରୀ କାର୍ଯ୍ୟ ସମୟରେ ଡାକ୍ତରଙ୍କୁ ମେଡ଼ିସିନ ରିପ୍ରେଜେଣ୍ଟେଟିଭମାନେ ଦେଖାକରିପାରିବେ ନାହିଁ। ଏସମ୍ପର୍କରେ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ସରକାରୀ ଚିକିତ୍ସାଳୟରେ ଲେଖାହୋଇଛି। ମାତ୍ର ଜିଲାରେ ଥିବା ଚିକିତ୍ସାଳୟଗୁଡିକରେ ଏହାର କୌଣସି ପ୍ରଭାବ ପଡୁନାହିଁ। ଗତ କିଛି ମାସ ହେଲା ମେଡିସିନ ରିପ୍ରେଜେଣ୍ଟେଟିଭମାନେ ଅଧିକାଂଶ ଡାକ୍ତର ଓ ଡାକ୍ତରଖାନାକୁ ନିଜ କବଜାରେ ରଖିଛନ୍ତି। ଡାକ୍ତରଙ୍କ ପାଖରେ ରହି ରୋଗୀଙ୍କୁ ନିଜ କମ୍ପାନୀର ଔଷଧ ଦେବାକୁ ପ୍ରବର୍ତ୍ତାଉଛନ୍ତି। ନିଜ ଔଷଧର ପୋଷ୍ଟର ଡ଼ାକ୍ତରଖାନାର କାନ୍ଥ କବାଟରେ ମାରି ବିଜ୍ଞପିତ କରୁଛନ୍ତି। ଅପରପକ୍ଷେ ରୋଗୀ ଚିକିତ୍ସା କରାଇବା ପାଇଁ ଆସି କଷ୍ଟ ପାଉଥିବା ବେଳେ ଡାକ୍ତର ସେମାନଙ୍କ ଚିକତ୍ସା ପ୍ରତି ଧ୍ୟାନ ନ ଦେଇ ଏହି ରିପ୍ରେଜେଣ୍ଟେଟିଭମାନଙ୍କ ସହ ଗପ ଜମାଉଥିବା ସାଧାରଣରେ ଅଭିଯୋଗ ହୋଇଛି। ମାତ୍ର ଜିଲାର ବିଭିନ୍ନ ଚିକିତ୍ସାଳୟରେ ଘୁରିବୁଲୁଥିବା ଏହି ରିପ୍ରେଜେଣ୍ଟେଟିଭମାନଙ୍କ କୌଣସି ତାଲିକା ଡ୍ରଗ ଇନ୍‌ସ୍ପେକ୍ଟର ଓ ସିଡିଏମଓଙ୍କ ନିକଟରେ ନାହିଁ। ଏନେଇ ସିଡ଼ିଏମଓ ତୁରନ୍ତ କୌଣସି ପଦକ୍ଷେପ ନ ନେଲେ ଜିଲା ଯୁବସେବା ମଞ୍ଚ ପକ୍ଷରୁ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ଯୁବସେବା ମଞ୍ଚ ସଭାପତି ମହମ୍ମଦ ଇଲିୟାସ ଓ ସମ୍ପାଦକ ଗୋପାଳ ଚରଣ ମହାପାତ୍ର ସୂଚନା ଦେଇଛନ୍ତି।

### ଯୋଗ୍ୟ ହିତାଧିକାରୀଙ୍କୁ ରିଲିଫ୍ ଯୋଗାଣ ଦାବି

ରାଜନଗର, ୧୧।୫ (ଡି.ଏନ୍.ଏ.)
ରାଜନଗର ବ୍ଲକ ଅଞ୍ଚଳରେ ବାତ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ୩ ଦିନର ରିଲିଫ୍ ଯୋଗାଇ ଦିଆଯାଇଥିଲା। ଏହାପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ରାଶନକାର୍ଡ ହିତାଧିକାରୀଙ୍କୁ ୫ଶହ ଟଙ୍କା ଓ ମୁଣ୍ଡପିଛା ୫ କିଗ୍ରା ଚାଉଳ ପ୍ରଦାନ କରାଯାଉଛି। ରିଟେଲରମାନେ ଚାଉଳ ବଣ୍ଟନ କରୁଥିବା ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ୫ଶହ ଟଙ୍କା ପ୍ରଦାନ କରୁଛନ୍ତି। ରାଜନଗର ବ୍ଲକ ଅଞ୍ଚଳର ବହୁ ଗରିବ ଲୋକ ରାଶନକାର୍ଡ ପାଇବାରୁ ବଞ୍ଚିତ ହୋଇଥିବା ବେଳେ ଅନେକେ ଅଯୋଗ୍ୟ ଏହି କାର୍ଡ ହାତେଇଛନ୍ତି। ତେବେ କେବଳ ରାଶନକାର୍ଡଧାରୀଙ୍କୁ ସହାୟତା ଯୋଗାଇବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିବାରୁ ଲୋକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଦୁଇ ମହଲା ଘର ଓ ଚାରି ଚକିଆ ଯାନ ଥିବା ଲୋକେ କାର୍ଡ ହାତେଇଥିବା ବେଳେ ରିଲିଫ୍ ସହାୟତା ମଧ ପାଉଛନ୍ତି। କିନ୍ତୁ ପ୍ରକୃତ ହିତାଧିକାରୀ ବର୍ଷ ତମାମ ଅଭାବ ଅସୁବିଧାରେ ଦିନ କାଟୁଥିବା ବେଳେ ବାତ୍ୟା ସମୟରେ ମଧ ସେମାନଙ୍କୁ ସରକାରୀ ସହାୟତା ପାଉନାହାନ୍ତି। ଏ ନେଇ ରାଜନଗର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଅଭିଯୋଗ ପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ରାଜନଗର ବ୍ଲକର ସମସ୍ତ ଗରିବ ଲୋକଙ୍କୁ ଚିହ୍ନଟ କରାଯାଇ ମୁଣ୍ଡପିଛା ୫କିଗ୍ରା ଚାଉଳ ଓ ୫ଶହ ଟଙ୍କା ପ୍ରଦାନ କରାଯିବା ପାଇଁ ଉକ୍ତ ପତ୍ରରେ ଉଲ୍ଲେଖ ରହିଛି। ବରିଷ୍ଠ କଂଗ୍ରେସ ନେତା ଅରୁଣ କୁମାର ରାଉତ, ରଞ୍ଜନ କୁମାର ମହାନ୍ତି, ସନ୍ତୋଷ କୁମାର ମହାନ୍ତି, ଦେବେନ୍ଦ୍ର କୁମାର ଜେନା, ସୁଧୀର ଚନ୍ଦ୍ର ପାଲ, ଦିଲ୍ଲୀପ କୁମାର ସିୟ ପ୍ରମୁଖ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

■ ୪ ସପ୍ତାହ ଘୁଞ୍ଚିଲା ମହାନଦୀ ଜଳ ପ୍ରସଙ୍ଗ

# କୃଷି, ପାନୀୟ ଜଳ ପ୍ରଭାବିତ ଆଶଙ୍କା

**କେନ୍ଦ୍ରାପଡା ଅଫିସ, ୧୧।୫**

ଟ୍ରିବ୍ୟୁନାଲରେ ମହାନଦୀ ଜଳ ବିବାଦ ପ୍ରସଙ୍ଗ ଅଧିକ ୪ ସପ୍ତାହ ଘୁଞ୍ଚିଯାଇଛି। ଫନୀ ବାତ୍ୟା ପରେ ଓଡିଶା ସରକାରଙ୍କ ପକ୍ଷରୁ ୩ୟ ବୈଠକ ଆୟୋଜିତ ହୋଇ ନ ପାରିବାରୁ ଶନିବାର ଉଭୟ ରାଜ୍ୟ ଅଧିକ ସମୟ ନେଇଛନ୍ତି। ଏହି ବିବାଦର ସମାଧାନ ନ ହେଲେ ମହାନଦୀ ଜଳ ପାଇଁ କେନ୍ଦ୍ରାପଡା ଜିଲାର କୃଷି ଓ ପାନୀୟ ଜଳ ପ୍ରଭାବିତ ହେବ। ଛତିଶଗଡ ସରକାର ତାଙ୍କ ରାଜ୍ୟରେ ଏହି ନଦୀ ଉପରେ ବ୍ୟାରେଜ ନିର୍ମାଣ କରୁଥିବାରୁ ଏପରି ଆଶଙ୍କା ସୃଷ୍ଟି ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ବିରୋଧ ହେବା ପରେ ଏବେ ଟ୍ରିବ୍ୟୁନାଲରେ ଏହି ପ୍ରସଙ୍ଗ ଚାଲିଛି। ଟ୍ରିବ୍ୟୁନାଲରେ ପୂର୍ବରୁ ଏନେଇ ଉଭୟ ରାଜ୍ୟ ମଧ୍ୟରେ ୨ଟି ବୈଠକ ହୋଇସାରିଛି।

ସୂଚନାଯୋଗ୍ୟ, ଛତିଶଗଡ ସରକାର ମହାନଦୀରେ ବିଭିନ୍ନ ନଦୀବନ୍ଧ ନିର୍ମାଣ କରୁଥିବାରୁ କେନ୍ଦ୍ରାପଡା ଜିଲା ସମେତ ରାଜ୍ୟର ମହାନଦୀ ଅବବାହିକାସ୍ଥିତ ୧୫ ଜିଲା ପ୍ରଭାବିତ ହେବ। କେନ୍ଦ୍ରାପଡା ଜିଲାରେ ପ୍ରବାହିତ ଚିତ୍ରୋତ୍ପଳା, ଲୁଣା, ପାଇକା ଓ ବିରୂପା ଆଦି ନଦୀ ମହାନଦୀରୁ ପାଣି ପାଇଥାଏ। ଏଥିସହ ମହାନଦୀ ଜିଲାର ଉପାନ୍ତ ବ୍ଲକ ମହାକାଳପଡାର ମହାନଙ୍ଗଳ ଠାରୁ ୧୦ କିଲୋମିଟର ପର୍ଯ୍ୟନ୍ତ ପ୍ରବାହିତ ହେଉଛି। ସେହିପରି ଜଗତପୁରର ବ୍ୟାରେଜ ନିକଟରେ କେନ୍ଦ୍ରାପଡା କେନାଲ ସୃଷ୍ଟି କରାଯାଇ ମହାନଦୀର ଜଳକୁ ଜିଲାରେ ପ୍ରବାହିତ ଗୋବରୀ କେନାଲ, ପଟ୍ଟାମୁଣ୍ଡାଇ କେନାଲ ଓ ଗୋବରୀ ସମ୍ପ୍ରସାରିତ କେନାଲକୁ ଛଡାଯାଉଛି। ଏହି ମହାନଦୀ ଦ୍ୱାରା ଜିଲାର ୪୧,୬୮୧ ହେକ୍ଟର ଚାଷ ଜମିକୁ ଜଳ ଯୋଗାଣ ହୋଇଥାଏ। ଏଥିସହ ମାଳିବସା, ତନ୍ତିଆପାଳ, ବରକନ୍ଦା ଓ ବିଜୟନଗରଠାରେ ନିର୍ମିତ କ୍ରିକ୍ ବନ୍ଧ ଜରିଆରେ ୩୦ହଜାର ହେକ୍ଟର କ୍ଷେତକୁ ପାଣି ମଡାଯାଏ। ଏହାଦ୍ୱାରା ପ୍ରାୟ ୮୦ହଜାର ଅଧିବାସୀ ଉପକୃତ ହେଉଛନ୍ତି। ସେହିପରି ୫ହଜାରରୁ ଅଧିକ ଲିଫ୍ଟ ପଏଣ୍ଟ ମାଧ୍ୟମରେ ନଦୀରୁ ପାଣି ଉଠାଇ ଚାଷ କ୍ଷେତକୁ ଜଳ ଯୋଗାଣ ହୁଏ। କେନ୍ଦ୍ରାପଡା ସହରବାସୀ ଲୁଣା ନଦୀର ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ମହାନଦୀର ଉପର ମୁଣ୍ଡରେ ବ୍ୟାରେଜ ନିର୍ମାଣ ହେଲେ ଜିଲାର କୃଷି, ପାନୀୟ ଜଳ, ଜନଜୀବନ ଓ ଜୈବ ବିବିଧତା ଆଦି ପ୍ରଭାବିତ ହେବ ବୋଲି ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି।

**ସେମାନେ କୁହନ୍ତି**

ମହାନଦୀର ଜଳକୁ ଛତିଶଗଡ ସରକାର ଏକଚାଟିଆ ଭାବେ ବ୍ୟବହାର କରିବା ପାଇଁ ଚାହୁଁଛି। ସେଠାରେ ନଦୀବନ୍ଧ ନିର୍ମାଣ ହେଲେ ରାଜ୍ୟର ବିଦ୍ୟୁତ ଉତ୍ପାଦନ, କୃଷି ଓ ପାନୀୟ ଜଳ ବିଶେଷଭାବେ ପ୍ରଭାବିତ ହେବ। ସଂଘୀୟ ବ୍ୟବସ୍ଥାରେ ଦେଶ ଚାଲୁଥିବା ବେଳେ ରାଜ୍ୟ ରାଜ୍ୟ ମଧ୍ୟରେ ବିବାଦ ହେବା ଆଦୌ ସମୀଚୀନ ନୁହେଁ। ମହାନଦୀରେ ଜଳ ପ୍ରବାହ କମିଲେ କେନ୍ଦ୍ରାପଡା ସହରକୁ ପାନୀୟ ଜଳଯୋଗାଣ ଠପ୍ ହୋଇଯିବ

**– ହିରଣ୍ୟ କୁମାର ପଣ୍ଡା, ପୂର୍ବତନ କାଉନସିଲର, କେନ୍ଦ୍ରାପଡା**

ମହାନଦୀ ଜଳକୁ ଜିଲାର ବିକାଶରେ ଉପଯୋଗ ପାଇଁ ରାଜନେତାଙ୍କ ନିକଟରେ କୌଣସି ଭିଜନ ଡକୁମେଣ୍ଟ ନାହିଁ। ଏହାର ମଧୁର ଜଳକୁ ବିଭିନ୍ନ ସ୍ଥାନରେ କ୍ରିକ୍‌ବନ୍ଧ ଓ ବ୍ୟାରେଜ ନିର୍ମାଣ କରି କୃଷିକ୍ଷେତକୁ ଦିଆଯାଇପାରନ୍ତା। ସେହିପରି ସାଲାଇନ ବେଲଟରେ ଥିବା ଅଧିବାସୀଙ୍କ ନିକଟକୁ ପାଇପ ଯୋଗେ ପାନୀୟଜଳ ଯୋଗାଣ ହୋଇପାରନ୍ତା। ଏସବୁ ପାଇଁ ଭିତ୍ତିଭୂମି ପ୍ରସ୍ତୁତ ହୋଇ ନ ଥିବାରୁ ମହାନଦୀର ଜଳ ସମୁଦ୍ରରେ ମିଶୁଛି। ଅପରପକ୍ଷରେ ମହାନଦୀରେ ବନ୍ୟା ଆସିଲେ ଲୋକଙ୍କ କ୍ଷତି ଘଟୁଛି।

**– ଗଣେଶ ଚନ୍ଦ୍ର ସାମଲ, ବୁଦ୍ଧିଜୀବୀ, କେନ୍ଦ୍ରାପଡା**

କଟକ ଜିଲା ଗୁଆଳିନାଶୀଠାରେ ମହାନଦୀରୁ ଚିତ୍ରୋତ୍ପଳା ନଦୀ ସୃଷ୍ଟି ହୋଇଛି। ଏହି ଚିତ୍ରୋତ୍ପଳା ନଦୀ କେନ୍ଦ୍ରାପଡା ଜିଲାର ମହମ୍ମଦପୁରରୁ କୁଆଁରପୁର ପର୍ଯ୍ୟନ୍ତ ୩୬ କିଲୋମିଟର ବ୍ୟାପିଛି। ଏହାର ଅବବାହିକାରେ ହେଉଥିବା ପନିପରିବାଠାରୁ ଆରମ୍ଭ କରି ଧାନ ଫସଲ ପର୍ଯ୍ୟନ୍ତ ନଦୀଜଳକୁ ଚାଷୀ ଉପଯୋଗ କରାଇଥାଏ। ସ୍ଥାନୀୟ ଅଧିବାସୀଙ୍କ ଦୈନନ୍ଦିନ ଜୀବନରେ ଚିତ୍ରୋତ୍ପଳା ନଦୀ ଜଳ ବ୍ୟବହାର ହେଉଛି। ମହାନଦୀ ଶୁଖିଲେ, ଚିତ୍ରୋତ୍ପଳା ଶୁଖିବ। ଏଥିସହ ଜନଜୀବନ ବିପର୍ଯ୍ୟସ୍ତ ହେବ।

**– ସେକ୍ ଫଜୁଲ ହକ୍, ସଭାପତି, ପାଟକୁରା ଆଞ୍ଚଳିକ କମିଟି**

ମହାନଦୀରେ ବନ୍ଧ ଫଳରେ ଓଡିଶାର ୩ଟି ବଡ ଧରଣର କ୍ଷତି ହେବା ଆଶଙ୍କା ରହିଛି। ପ୍ରଥମେରେ ଓଡିଶାକୁ ଜଳଧାରା କମିଯିବ। ଯାହା ସାମ୍ପ୍ରତିକ ସମୟରେ ଅନୁଭୂତ ହୋଇସାରିଲାଣି। ଦ୍ୱିତୀୟ ବିପଦ ହୀରାକୁଦ ଡ୍ୟାମ ପ୍ରତି ରହିଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ହେଲେ ଛତିଶଗଡ ସରକାର ହଠାତ ଜଳ ଛାଡିବାକୁ ବାଧ୍ୟ ହେବ। ଏହାଦ୍ୱାରା ହୀରାକୁଦ ଡ୍ୟାମରେ ବନ୍ୟା ହେବାର ଆଶଙ୍କା ରହିଛି। ସେହିପରି ଶିଳ୍ପରୁ ନିର୍ଗତ ବର୍ଜ୍ୟବସ୍ତୁ ବା ବିଷାକ୍ତ ରାସାୟନିକ ପଦାର୍ଥ ମହାନଦୀକୁ ଛଡାଗଲେ ଓଡିଶାର ନଦୀଜଳ ପ୍ରଦୂଷିତ ହୋଇ ଜନଜୀବନ ନଷ୍ଟ ହେବ।

**– ପ୍ରମୋଦ ସାହୁ, ରାଜ୍ୟ ବିଜେଡି ସମ୍ପାଦକ**

### ନବବଧୂଙ୍କୁ ଶାଶୁଘରେ ହତ୍ୟା ଅଭିଯୋଗ ଘଟଣା
### ୮ ଦିନର ଯାଆଁଳା କନ୍ୟାଙ୍କୁ ଉଦ୍ଧାର କଲା ପ୍ରଶାସନ

**ମହାକାଳପଡା, ୧୧।୫ (ଡି.ଏନ୍.ଏ.)**
ଜମ୍ବୁ ମେରାଇନ ଥାନା ଅଧୀନ ବଉଳକଣୀ ଗ୍ରାମର ଶିବ ମିର୍ଦ୍ଧାଙ୍କ ବୋହୂ ବନ୍ଦନା ମିର୍ଦ୍ଧା(୨୫)ଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ଶୁକ୍ରବାର ଅଭିଯୋଗ ହୋଇଥିଲା। ଏନେଇ ତାଙ୍କ ବାପା ଖରିନାସୀ ପଞ୍ଚାୟତ ଚିତ୍ତରଞ୍ଜନ ମଣ୍ଡଳ ଥାନାରେ ଅଭିଯୋଗ କରିଥିଲେ। ବନ୍ଦନାଙ୍କ ମୃତ୍ୟୁ ପରେ ତାଙ୍କ ୮ ଦିନର ଯାଆଁଳା କନ୍ୟା ଦ୍ୱୟଙ୍କୁ ଶନିବାର ବ୍ଲକ ଶିଶୁ ସୁରକ୍ଷା ଅଧିକାରୀଣୀ ମନୋରମା ସ୍ୱାଇଁ ଉଦ୍ଧାର କରି ଗରଦପୁରସ୍ଥିତ ଶିଶୁମଙ୍ଗଳ ସୁଧାର ଗୃହରେ ଅବସ୍ଥାପିତ କରାଇଛନ୍ତି। ସେମାନଙ୍କ ସ୍ୱତନ୍ତ୍ର ସୁରକ୍ଷା ଓ ଯତ୍ନ ପାଇଁ ସେଠାରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ସ୍ୱାଇଁ ସୂଚନା ଦେଇଛନ୍ତି। ଅପରପକ୍ଷେ ଅଭିଯୋଗ ପରେ ଥାନାରେ ପୋଲିସ ପକ୍ଷରୁ ମାମଲା (ନଂ-୪୦/୧୯) ରୁଜୁ କରି ସ୍ୱାମୀ ଭୋଳା ମିର୍ଦ୍ଧାଙ୍କୁ ଅଟକ ରଖି ପଚାରାଉଚୁରା କରୁଛି। ଏଥିସହ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ବନ୍ଦନାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ଏନେଇ ଘଟଣା ସ୍ଥଳରେ ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା, ଅତିରିକ୍ତ ତହସିଲଦାର ଅଜିତ କୁମାର ସାହୁ ଓ ଜମ୍ବୁ ମେରାଇନ୍ ଥାନା ଆଇଆଇସି ରାମକୁମାର ମୁର୍ମୁ ଉପସ୍ଥିତ ଥିଲେ।

## ଶନିଶ୍ଚରଙ୍କ ପୀଠରେ ଜଳାଭିଷେକ

**ଡେରାବିଶ, ୧୧।୫ (ସ୍ୱ.ପ୍ର.)**
ଡେରାବିଶ ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଶନିଶ୍ଚରଙ୍କ ପୀଠରେ ଶନିବାର ଜଳାଭିଷେକ ଅନୁଷ୍ଠିତ ହୋଇଯାଇଛି। ଏହିଉପଲକ୍ଷେ ପ୍ରାତଃରୁ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଏ ନେଇ ବ୍ଲକ ଅଧୀନ ନହଙ୍ଗ ପଞ୍ଚାୟତ ବୀରନୀଳକଣ୍ଠପୁର ଗ୍ରାମସ୍ଥିତ ଶନିଶ୍ଚରଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ମଙ୍ଗଳ ଆରତି ପରେ ଗୋବରୀ ନଦୀ ଚମ୍ପାବାଗ ଘାଟରେ ସହସ୍ରାଧିକ ଶ୍ରଦ୍ଧାଳୁ ନଦୀରୁ ପାଣି ଆଣି ଶନିଶ୍ଚରଙ୍କୁ ଜଳାଭିଷେକ କରିଥିଲେ। ସେହିପରି ନଦୀଘାଟରେ ମହିଳା ଓ ପୁରୁଷମାନଙ୍କ ପାଇଁ ଅଲଗା ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା। ଏଥିସହ ଶ୍ରଦ୍ଧାଳୁଙ୍କ ନିମନ୍ତେ ଶନିଶ୍ଚରଙ୍କ ମନ୍ଦିର କମିଟି ପକ୍ଷରୁ ଏକ ସୂଚନା କେନ୍ଦ୍ର ଖୋଲାଯାଇଥିଲା। ଭିଡକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଗ୍ରଣୀ ଯୁବ ପରିଷଦ ପକ୍ଷରୁ ଶୃଙ୍ଖଳା ରକ୍ଷା କରାଯିବା ସହ ଜଳଛତ୍ର ପ୍ରଦାନ କରାଯାଉଥିଲା।



ବୀରନୀଳକଣ୍ଠପୁରସ୍ଥିତ ଶନି ମନ୍ଦିରରେ ଜଳାଭିଷେକ ପାଇଁ ଗୋବରୀ ନଦୀ ଚମ୍ପାବାଗ ଘାଟରେ ଶ୍ରଦ୍ଧାଳୁଙ୍କ ଭିଡ଼।

ସେହିପରି ଗୋଲରାହାଟ ପଞ୍ଚାୟତ ଦୁମୁକାସ୍ଥିତ ଶନିଶ୍ଚରଙ୍କ ପୀଠରେ ଜଳାଭିଷେକ ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କୁଶିଆପାଳ ପଞ୍ଚାୟତ ଖସାପଡିଆସ୍ଥିତ ଶନି ମନ୍ଦିରରେ ଏହି ଅବସରରେ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ଜଳାଭିଷେକ କରାଯାଇଥିଲା। ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର, ବିଜେଡି ନେତା ସଞ୍ଜୟ ଅଗ୍ରୱାଲ୍, କଂଗ୍ରେସ ନେତା ଜୟନ୍ତ ମହାନ୍ତି, ବରିଷ୍ଠ ବିଜେଡି ନେତା ରବି ସାମଲ, ସାମାଜିକ କର୍ମୀ ଅଜୟ ରାଉତ, ପଞ୍ଚାୟତ ସମିତି ଅଧକ୍ଷ ସରୋଜକାନ୍ତ ସାହୁ, ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ବିଭିନ୍ନ ଶନିମନ୍ଦିରକୁ ଯାଇ ଆଶୀର୍ବାଦ ଭିକ୍ଷା କରିଥିଲେ।

### ପାନୀୟ ଜଳ ଯୋଗାଣ ପାଇଁ ଦାବିପତ୍ର

**କେନ୍ଦ୍ରାପଡା ଅଫିସ, ୧୧।୫**
ଡେରାବିଶ ବ୍ଲକ ବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଓସ୍ତପୁର (ସାନ୍ତାଳସାହି)ର ଗ୍ରାମବାସୀ ପାନୀୟ ଜଳ ସମସ୍ୟା ଭୋଗୁଛନ୍ତି। ଏଠାରେ ନଳକୂପ ନ ଥିବା ବେଳେ ପାଇପ ପାଣି ପାଇଁ ବ୍ୟବସ୍ଥା ନାହିଁ। ଏ ନେଇ ଗ୍ରାମବାସୀ ଶୁକ୍ରବାର ଉପଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଗ୍ରାମର ସଲଗେ ସୋରେନ କୁହନ୍ତି, ୨୦୧୧ରେ ସ୍ୱଜଳ ଧାରା ଯୋଜନାରେ ପାଇପ ଯୋଗେ ଗ୍ରାମର ଅଧାବାଟ ପର୍ଯ୍ୟନ୍ତ ପାନୀୟ ଜଳ ଯୋଗାଇ ଦିଆଯାଉଥିଲା। ମାତ୍ର ୨ରୁ ୩ମାସ ପରେ ଏଠାକୁ ପାଣି ଆସି ନ ଥିଲା। ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେ ସୁଫଳ ମିଳିନାହିଁ। ଭଉା ହାଂସଦା, ଛିତା ମୁର୍ମୁ, ମାଳତୀ ହେମ୍ବ୍ରମ, ଦୁଲାରୀ ମାରାଣ୍ଡି, ମୀନତୀ ମାରାଣ୍ଡି, ସୁମରାଇ ମାରାଣ୍ଡି, ଜାନକୀ ମାରାଣ୍ଡି ଓ ମାମା ମାଝି ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଦିନରେ ଜଳୁଛି ଷ୍ଟ୍ରିଟ ଲାଇଟ

**ଆଳି, ୧୧।୫(ଡି.ଏନ.ଏ)**
ଆଳି ବ୍ଲକ ଅଞ୍ଚଳର ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳୀ ଆଳି ନୂଆବଜାରଠାରେ ଆଲୋକୀକରଣର କୌଣସି ବ୍ୟବସ୍ଥା ନ ଥିବାରୁ ବ୍ୟବସାୟୀ ଓ ସାଧାରଣ ଲୋକମାନେ ସାମାନ୍ୟ ଅନ୍ଧାର ହେଲେ ନାହିଁ ନ ଥିବା ଅସୁବିଧା ଭୋଗୁଥିଲେ। ଅନ୍ଧାର ଯୋଗୁ ଅନେକ ସମୟରେ ଏହି ସ୍ଥାନରେ ଚୋରି, ଡକାୟତି ହେଉଥିବା ମଧ ନଜିର ରହିଛି। ତେବେ ବହୁ ଦାବି ପରେ ଗତ ଅକ୍ଟୋବରରେ ରାଜ୍ୟ ସଭା ସଦସ୍ୟ ପ୍ରତାପ ଦେବ ଏମ୍‌ପି ପାଣ୍ଠିରୁ ନିଆଳ ହାଟଠାରୁ ଆଳି ରାଜବାଟୀ ପର୍ଯ୍ୟନ୍ତ ଷ୍ଟ୍ରିଟ ଲାଇଟ ଲଗାଯିବା ପାଇଁ ବ୍ୟବସ୍ଥା କରିଥିଲେ। ନିଆଳ ହାଟ, ନିଆଳ ଗ୍ରାମ, ମହାବୀର ବଜାର, ତହସିଲ ରୋଡ ଆଦି ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା। ମାତ୍ର ଏବେ ଏହିସବୁ ସ୍ଥାନରେ ଲାଗିଥିବା ଲାଇଟ୍ ଦିନ ସମୟରେ ମଧ ଜଳୁଥିବା ଦେଖାଯାଉଛି। ସକାଳ ହେଲେ ଏହି ଲାଇଟ୍ ବନ୍ଦ କରିବା ଦାୟିତ୍ୱରେ ଥିବା କର୍ମଚାରୀ ଏହା ବନ୍ଦ କରୁ ନ ଥିବାରୁ ଦିନ ତମାମ ଲାଇଟ ଜଳି ରହୁଛି। ତେବେ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୨।୫।୨୦୧୯ (ରବିବାର)**
■ ମହାକାଳପଡ଼ା ୟୁଥ୍ ଗ୍ରୁପ ବୈଠକ
**ସ୍ଥାନ–** ଗୋଜବାୟାଣୀ ପୀଠ, ମାର୍ଶାଘାଇ
**ସମୟ–** ପୂର୍ବାହ୍ନ ୧୦ଟା

**୧୩।୫।୨୦୧୯ (ସୋମବାର)**
■ ପୋଷ୍ଟର ପ୍ରେଜେଣ୍ଟେଶନ, ଫ୍ଲୋର ପେଣ୍ଟିଂ ଓ ସଂଗୀତ ପ୍ରତିଯୋଗିତା
**ସ୍ଥାନ–** ତୁଳସୀ ଇନଷ୍ଟିଚ୍ୟୁଟ ଫର ନର୍ସିଂ ଏଜୁକେଶନ, ଗୋପ
**ସମୟ–** ପୂର୍ବାହ୍ନ ୯ଟା

**୧୪।୫।୨୦୧୯ (ମଙ୍ଗଳବାର)**
■ କୁଇଜ୍, ସ୍ପଟ ପେଣ୍ଟିଙ୍ଗ, ମିଟିଙ୍ଗ ଓ ମ୍ୟୁଜିକ ପ୍ରତିଯୋଗିତା
**ସ୍ଥାନ–** ତୁଳସୀ ଇନଷ୍ଟିଚ୍ୟୁଟ ଫର ନର୍ସିଂ ଏଜୁକେଶନ, ଗୋପ,
**ସମୟ–** ପୂର୍ବାହ୍ନ ୯ଟା

**୧୫।୫।୨୦୧୯ (ବୁଧବାର)**
■ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏକକ ଅଭିନୟ, ସୋଲୋ ଓ ଫୋକ୍ ନୃତ୍ୟ ପ୍ରତିଯୋଗିତା
**ସ୍ଥାନ–** ତୁଳସୀ ଇନଷ୍ଟିଚ୍ୟୁଟ ଫର ନର୍ସିଂ ଏଜୁକେଶନ, ଗୋପ,
**ସମୟ–** ପୂର୍ବାହ୍ନ ୯ଟା

**୧୬।୫।୨୦୧୯ (ଗୁରୁବାର)**
■ ତର୍କ, ବ୍ୟକ୍ତିତ୍ୱ ପରିମାପକ ପ୍ରତିଯୋଗିତା
**ସ୍ଥାନ–** ତୁଳସୀ ଇନଷ୍ଟିଚ୍ୟୁଟ ଫର ନର୍ସିଂ ଏଜୁକେଶନ, ଗୋପ
**ସମୟ–** ପୂର୍ବାହ୍ନ ୯ଟା

**୧୭।୫।୨୦୧୯ (ଶୁକ୍ରବାର)**
■ ବିଶ୍ୱ ଡେଙ୍ଗୁ ଦିବସ
**ସ୍ଥାନ–** ଜିଲା ମୁଖ୍ୟ ଚିକିତ୍ସାଳୟ, କେନ୍ଦ୍ରାପଡା
**ସମୟ–** ପୂର୍ବାହ୍ନ ୧୦ଟା

**୧୮।୫।୨୦୧୯ (ଶନିବାର)**
■ ଶ୍ରୀ ବଳଦେବଜୀଉଙ୍କର ବୁଦ୍ଧ ପୂର୍ଣ୍ଣିମା ଉତ୍ସବ
**ସ୍ଥାନ–** ଇଚ୍ଛାପୁର, କେନ୍ଦ୍ରାପଡା
**ସମୟ–** ଅପରାହ୍ନ ୫ଟା
■ ଅନ୍ତର୍ଜାତୀୟ ନର୍ସିଂ ସପ୍ତାହ ଉଦ୍‌ଯାପନୀ ଉତ୍ସବ
**ସ୍ଥାନ–** ତୁଳସୀ ଇନଷ୍ଟିଚ୍ୟୁଟ୍ ଫର ନର୍ସିଂ ଏଜୁକେଶନ, ଗୋପ
**ସମୟ–** ଅପରାହ୍ନ ୫ଟା

■ ରିଲିଫ୍ ବଣ୍ଟନରେ ଅନିୟମିତତା

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଂଗ୍ରେସର ଦାବିପତ୍ର

**ପଟ୍ଟାମୁଣ୍ଡାଇ, ୧୧।୫ (ସ୍ୱ.ପ୍ର.)**
ବାତ୍ୟା ପ୍ରଭାବିତ ଅଞ୍ଚଳରେ ରାଶନକାର୍ଡଧାରୀଙ୍କୁ ୫୦୦ଟଙ୍କା ଓ ମୁଣ୍ଡ ପିଛା ୫କିଗ୍ରା ଚାଉଳ ପ୍ରଦାନ କରିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ତେବେ ବାତ୍ୟା ଯୋଗୁ ଲୋକମାନେ ବହୁ ହଇରାଣରେ ଦିନ କାଟୁଥିବା ବେଳେ ରାଶନକାର୍ଡ ନ ଥିବାରୁ ସରକାରୀ ସହାୟତା ବି ପାଉନାହାନ୍ତି। ବିପନ୍ନ ଲୋକମାନଙ୍କ ଯଥାର୍ଥ ପ୍ରାପ୍ୟ ପ୍ରତି ସରକାରଙ୍କ ଉଦାସୀନ ମନୋଭାବ ପୋଷଣ ନ କରିବା ପାଇଁ କଂଗ୍ରେସ ପକ୍ଷରୁ ଶନିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଓମ୍‌ପ୍ରକାଶ ମହାନ୍ତିଙ୍କୁ ଏକ ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। କ୍ଷତିଗ୍ରସ୍ତ ସମସ୍ତ ପରିବାରଙ୍କୁ ରିଲିଫ୍ ଚାଉଳ ସହ ଆର୍ଥିକ ସାହାଯ୍ୟ, ବିଦ୍ୟୁତ୍ ବ୍ୟବସ୍ଥାରେ ସୁଧାର, ବିପନ୍ନଙ୍କୁ ଘରଭଙ୍ଗା ସାହାଯ୍ୟ ଓ ପଲିଥିନ୍, ଚାଷୀମାନଙ୍କୁ ମାଗଣା ଧାନ ବିହନ, ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ରାଶନକାର୍ଡ ପ୍ରଦାନ, କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ, ସ୍କୁଲ କଲେଜ ଛାତ୍ରୀଛାତ୍ରମାନଙ୍କୁ ନାମଲେଖା ଓ ପରୀକ୍ଷା ଫି ଆଦି ଛାଡ ଦାବି ନେଇ ବ୍ଲକ କଂଗ୍ରେସ ପକ୍ଷରୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। କମିଟି ସଭାପତି ଯଦୁମଣି ଦାସ, ନଗର କଂଗ୍ରେସ କମିଟି ସଭାପତି ପ୍ରଦୀପ ପ୍ରଧାନ, ପିସିସି କମିଟି ସଦସ୍ୟ ମାନସ ମହାନ୍ତି, ମଳୟ ଦାସ, ତପନ କୁମାର ପାତ୍ର, ହିରଣ୍ୟ କୁମାର ରାଉତ, ଉମେଶ ଦାଶ, ମାଗୁଣି ଲେଙ୍କା, ସେକ୍ ଅମରୁଲ୍, ଭରତ ବେହେରା, ରବୀନ୍ଦ୍ର ଜେନା, ସନ୍ତୋଷ ସାମଲ, ତ୍ରିଲୋଚନ ପଣ୍ଡା, ମନୋରଞ୍ଜନ କର, ସୁଚିତ୍ରା ବିଶ୍ୱାଳ, ପ୍ରଫୁଲ୍ଲ ଦାସ, ସନାତନ ବିଶ୍ୱାଳ, ଶରତ ରାଉତ, ଅଜିତ୍ ନାୟକ, ରଶ୍ମିରଞ୍ଜନ ନାୟକ, ମହେଶ୍ୱର ନାୟକ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ସାମାଜିକ କର୍ମୀଙ୍କ ବିୟୋଗ

**ରାଜନଗର, ୧୧।୫ (ଡି.ଏନ.ଏ.)**
ରାଜନଗର ବ୍ଲକ ଗୁପ୍ତି ଗ୍ରାମର ଗଜେନ୍ଦ୍ର ଦାସ (୭୫)ଙ୍କର ଶୁକ୍ରବାର ପରଲୋକ ଘଟିଛି। ସ୍ୱର୍ଗତ ଦାସ ଗୁପ୍ତି ଗ୍ରାମର ରିଟେଲର ଦାୟିତ୍ୱରେ ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ସ୍ଥାନୀୟ ସରପଞ୍ଚ ସର୍ବେଶ୍ୱର ସାହୁ, ପୂର୍ବତନ ସରପଞ୍ଚ ଖଗେଶ୍ୱର ଲେଙ୍କା, ଗିରିଶ ଚନ୍ଦ୍ର ନାୟକ, ସାରଦା ଲେଙ୍କା, ଗ୍ରାମର ମୁରବି ଜଖାମଣି ଦାସ, ଦାମୋଦର ଲେଙ୍କା, ନଟବର ଦାସ, ମହେଶ୍ୱର ସାହୁ, ବିଷ୍ଣୁଚରଣ ବଳ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ରିଲିଫ୍ ଯୋଗାଣରେ ପାତରଅନ୍ତର

■ ସାଧାରଣବର୍ଗଙ୍କ ମଧରେ ତେଜୁଛି ଅସନ୍ତୋଷ

**ଡେରାବିଶ, ୧୧।୫ (ସ୍ୱ.ପ୍ର.)**

ଫନୀ ତାଣ୍ଡବରେ ପାଟକୁରା ନିର୍ବାଚନମଣ୍ଡଳୀରେ ବ୍ୟାପକ ଫସଲ ହାନି ହୋଇଥିବା ବେଳେ ବିରାଟ ବିରାଟ ଗଛ ଉପୁଡି ପଡ଼ିବା ସହ ଅନେକଙ୍କ ଘର ଭାଙ୍ଗିଛି। ଏଥିସହ ଏକାଧିକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଥିବା ଯୋଗୁ ବାତ୍ୟା ୮ଦିନ ପରେ ବି ବିଦ୍ୟୁତ୍ ସଂଯୋଗ ଦିଆଯାଇନାହିଁ। ଲୋକମାନେ ଅନ୍ଧାରରେ କାଳାତିପାତ କରୁଛନ୍ତି। ଗତ ମଙ୍ଗଳବାରଠାରୁ ସମସ୍ତ ରାଶନକାର୍ଡଧାରୀଙ୍କୁ ଚାଉଳ ଓ କିରୋସିନ ସରକାରୀ ଧାର୍ଯ୍ୟ ମୂଲ୍ୟରେ ପ୍ରଦାନ କରାଯାଇଥିଲା। ତେବେ କେବଳ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ଏହି ସୁବିଧା ପ୍ରଦାନ କରାଯାଉଥିବାରୁ ସ୍ଥାନୀୟ ଅଞ୍ଚଳର ଅନ୍ୟ ଲୋକମାନେ ଏ ନେଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବାତ୍ୟା ପ୍ରଭାବିତ ଅଞ୍ଚଳରେ ସମସ୍ତଙ୍କୁ ରିଲିଫ୍ ଓ ସରକାରୀ ସହାୟତା ଯୋଗାଇବା ବଦଳରେ ଏଭଳି ପାତରଅନ୍ତର ନୀତି ଅବଲମ୍ବନ କରାଯିବା ନେଇ ବହୁ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଅପରପକ୍ଷେ ଭୋଟ ପ୍ରଚାର କରିବାକୁ ଯାଉଥିବା ବେଳେ ବିଭିନ୍ନ ଗ୍ରାମରେ ଲୋକମାନେ ୩ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କୁ ଘେରି ସାଧାରଣବର୍ଗଙ୍କୁ ରିଲିଫ୍ ପ୍ରଦାନ କରାଯାଉ ନଥିବା ନେଇ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। କେବଳ ରାଶନକାର୍ଡ ହିତାଧିକାରୀଙ୍କୁ ସହାୟତା ଯୋଗାଇ ଦିଆଯାଉଥିବା ବେଳେ ଅନ୍ୟମାନଙ୍କୁ କାହିଁକି ବାଦ୍ ଦିଆଯାଉଛି ବୋଲି ଏଣ୍ଡର ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମର ରାଜୀବଲୋଚନ ମିଶ୍ର ପ୍ରଶ୍ନ କରିଛନ୍ତି। ଏଥିସହ ରିଲିଫ୍ ପ୍ରଦାନରେ ପାତରଅନ୍ତର ତୁରନ୍ତ ବନ୍ଦ କରି ସମସ୍ତ ବାତ୍ୟା ପ୍ରଭାବିତଙ୍କୁ ରିଲିଫ୍ ସାମଗ୍ରୀ ଯୋଗାଇଦେବାକୁ ତୁରନ୍ତ ବ୍ୟବସ୍ଥା କରାଯିବା ପାଇଁ ରାଜୀବଲୋଚନ ପ୍ରଶ୍ନ କରିଛନ୍ତି। ନହଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ରଶ୍ମିରଞ୍ଜନ ପଣ୍ଡା କହିଛନ୍ତି, ୧୯୯୯ ମହାବାତ୍ୟା ସମୟରେ ସମସ୍ତଙ୍କୁ ସମାନ ଭାବରେ ରିଲିଫ୍ ବଣ୍ଟନ କରାଯାଇଥିଲା। ମାତ୍ର ଏଥର ବାତ୍ୟାରେ ପ୍ରଭାବିତଙ୍କୁ ରିଲିଫ୍ ଦିଆଯିବା ବଦଳରେ କେବଳ ରାଶନକାର୍ଡଧାରୀଙ୍କୁ ପ୍ରଦାନ କରାଯାଉଛି। ବାତ୍ୟା ଯୋଗୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଥିବାରୁ ଅଧିକାଂଶ ଗ୍ରାମରେ ଲୋକେ ଅନ୍ଧାରରେ ଅଛନ୍ତି। ରାଶନକାର୍ଡଧାରୀଙ୍କୁ କିରୋସିନ ଦିଆଯାଉଥିବା ବେଳେ ସାଧାରଣବର୍ଗର ଲୋକେ ମହମବତି ଖଣ୍ଡକୁ ଆଶ୍ରା କରିଛନ୍ତି। ତେବେ ଆଗାମୀ ଦିନରେ ପାଟକୁରା ବିଧାନସଭା ଆସନ ପାଇଁ ନିର୍ବାଚନ ହେବାକୁ ଥିବା ବେଳେ ସ୍ଥାନୀୟ ଲୋକେ ଉଚିତ୍ ଜବାବ ଦେବେ ବୋଲି ରଶ୍ମିରଞ୍ଜନ କହିଛନ୍ତି।

# ଫନୀ ବଢ଼ାଇଲା ୫ ପରିବାରର ଦୁର୍ଦ୍ଦଶା

ନାଉଗାଁ,୧୧।୫(ସ୍ୱ.ପ୍ର.)

ଫନୀ ପ୍ରଭାବରେ ଉପକୂଳ ଜିଲା ଜଗତ୍‌ସିଂହପୁରରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଶେଷ କରି ଏହି ଜିଲାର ନାଉଗାଁ ବ୍ଲକ ଅଧିକ ପ୍ରଭାବିତ ହୋଇଛି। ବହୁ କଚ୍ଚାଘର ଭାଙ୍ଗିଯାଇଥିବାରୁ ଅନେକ ପରିବାର ଏକ ପ୍ରକାର ବାସହରା ହୋଇଛନ୍ତି। ଏହି ବ୍ଲକ ଶିଖର ପଞ୍ଚାୟତର ସାରେଇକୂଳ(ଦାଣ୍ଡୁଆ)ଠାରେ ବସବାସ କରୁଥିବା ଅନେକ ଗରିବ ଲୋକ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ୧୭ ପରିବାର ବିଶିଷ୍ଟ ଦାଣ୍ଡୁଆର ଏହି ସାହିରେ ୯୫ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ସେମାନେ ଦିନ ମଜୁରିଆ ଭାବେ ପରିବାର ଚଳାନ୍ତି। ଏହି ପଡ଼ାକୁ ଠିକ ଭାବେ ଖଣ୍ଡେ ରାସ୍ତା ହୋଇପାରିନାହିଁ। ଲୋକମାନେ ବର୍ଷାଦିନେ ଅଣ୍ଟାଏ ପାଣିରେ ପଶି ଯିବାଆସିବା କରନ୍ତି। ଫନୀ ଆସିବା ପୂର୍ବରୁ ବ୍ଲକ ପ୍ରଶାସନ ପକ୍ଷରୁ ଏମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା କିନ୍ତୁ ସେଠାରେ ୨୪ ଘଣ୍ଟା ପର୍ଯ୍ୟନ୍ତ ସେମାନଙ୍କୁ କୌଣସି ଖାଦ୍ୟ ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ବାତ୍ୟା ପରେ ଘରକୁ ଫେରିବା ପରେ ପାନୀୟଜଳ ସମସ୍ୟା ଦେଖାଦେଇଥିଲା। ଏହି ୧୭ ପରିବାର ନିର୍ଭର କରୁଥିବା ଏକମାତ୍ର


ବାତ୍ୟାରେ କ୍ଷତିଗ୍ରସ୍ତ ସାରେଇକୂଳ (ଦାଣ୍ଡୁଆ)ଠାରେ ବସବାସ କରୁଥିବା ବିପନ୍ନ ପରିବାର।


ଗ୍ରାମରେ ଥିବା ଏକମାତ୍ର ଅଚଳ ନଳକୂପ।

ନଳକୂପ ଭାଙ୍ଗିଯାଇଥିବାରୁ ପିଇବା ପାଣି ଟୋପାଏ ପାଇଁ ସେମାନେ ଡହଳବିକଳ ହେଉଛନ୍ତି। ବର୍ତ୍ତମାନ ଖରାଦିନ ହୋଇଥିବାରୁ ପାଣିର ଆବଶ୍ୟକତା ଅଧିକ। ବ୍ଲକ ମୁଖ୍ୟାଳୟଠାରୁ ମାତ୍ର ଦେଢ଼ କି.ମି ଓ ପଞ୍ଚାୟତଠାରୁ ୩ କିମି ଦୂରରେ ଏହି ପଡ଼ା ରହିଛି। ଫନୀକୁ ୯ ଦିନ ବିତିଥିଲେ ମଧ୍ୟ ଏହି ସାହି ବାସିନ୍ଦାଙ୍କ ପାଇଁ ଖାଦ୍ୟ ଓ ବାସଗୃହ ସମସ୍ୟା ଚିନ୍ତାର ବିଷୟ ହୋଇଛି। ସାହିର ଅଭିରାମ ଭୋଇ, ଅକ୍ଷୟ ଭୋଇ, ବିଜୟ ଭୋଇ, ମଧୁସୂଦନ ଦାସ, ମାନସ କୁମାର

**■ଖାଦ୍ୟ ଓ ବାସକୁ ନେଇ ଚିନ୍ତାରେ ଲୋକେ**

**■ଏକମାତ୍ର ନଳକୂପ ଖରାପ, ମିଳୁନି ପିଇବା ପାଣି**

ମଳିକଙ୍କ ମାଟିଘର ସମ୍ପୂର୍ଣ୍ଣ ଭାବରେ ଭାଙ୍ଗିଯାଇଛି। ଅଭିରାମଙ୍କ ପରିବାର କହିଲେ ସ୍ତ୍ରୀଙ୍କ ସହ ତିନି ଝିଅ, ଅକ୍ଷୟଙ୍କ ପରିବାର କହିଲେ ସ୍ତ୍ରୀ ଓ ୪ ଝିଅ, ବିଜୟଙ୍କର ସ୍ତ୍ରୀ ଓ ୨ ପୁଅ, ମଧୁସୂଦନଙ୍କ ସ୍ତ୍ରୀ, ୨ ଝିଅ ଓ ଗୋଟିଏ ପୁଅ। ମାନସଙ୍କ ପରିବାର କହିଲେ ବୁଢ଼ା ବାପାଙ୍କ ସହ ସ୍ତ୍ରୀ, ଗୋଟିଏ ପୁଅ ଓ ଗୋଟିଏ ଝିଅ। କଚ୍ଚାଘର ଯୋଗୁ ଏହି ୫ ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ ବାସଗୃହ ଯୋଜନାରେ ଗରିବ ଓ ବାସହୀନ ଲୋକଙ୍କୁ ବାସଗୃହ ଯୋଗାଇବାର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଏହି ପରିବାର ସେଥିରୁ ବାଦ୍‌ପଡିଛନ୍ତି। ଫଳରେ ବନ୍ୟା ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟସ୍ତ ସମୟରେ ସେମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। ବାତ୍ୟା ପ୍ରଭାବିତ ଏହି ପରିବାରଙ୍କୁ ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଜେ.କଳ୍ପନାଙ୍କୁ ପଚାରିବାରେ ସେ କହିଲେ ଯେ ଯେଉଁମାନଙ୍କର ଖାଦ୍ୟ ସୁରକ୍ଷା ଯୋଜନାରେ କାର୍ଡ ରହିଛି, ସେମାନଙ୍କୁ ଚାଉଳ ଓ ୫ ଶହ ଟଙ୍କା ଯୋଗାଇ ଦିଆଯାଉଛି। ଯେଉଁମାନଙ୍କ ଘର ନଷ୍ଟ ହୋଇଛି, ସେମାନଙ୍କୁ ତଦନ୍ତ ପରେ ସରକାରୀ ନିୟମ ଅନୁଯାୟୀ ସହାୟତା ପ୍ରଦାନ କରାଯିବ।

## ସଂକ୍ଷେପରେ

### ସ୍ୱାଭାବିକ ହେଲା ଯାତାୟାତ

ବିରିଡ଼ି,୧୧।୫(ଡି.ଏନ୍.ଏ.): ଫନୀ ପ୍ରଭାବରେ ବିରିଡ଼ି ବ୍ଲକର ବିଭିନ୍ନ ସ୍ଥାନରେ ଗଛପଡ଼ି ରାସ୍ତା ଅବରୋଧ ହୋଇଥିଲା। ଫଳରେ ଜନସାଧାରଣ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏପରିକି ଯୋଗାଣ ସାମଗ୍ରୀ ଓ ଅତ୍ୟାବଶ୍ୟକ ସାମଗ୍ରୀ ନେବା ଆଣିବାରେ ସମସ୍ୟା ସୃଷ୍ଟି ହେଉଥିଲା। ବିଡିଓ ଗିରିଜା ପ୍ରସାଦ ବାରିକ ଓ ଫାୟାର ଅଫିସର ଅଶୋକ କୁମାର ଶତପଥୀ ଏନେଇ ସମୀକ୍ଷା ବୈଠକରେ ଆଲୋଚନା କରିଥିଲେ। ପରେ ଫାୟାର ଅଫିସର ଶତପଥୀଙ୍କ ନେତୃତ୍ୱରେ ୩୯ଜଣିଆ ଟିମ୍ ଶୁକ୍ରବାର ସୁଦ୍ଧା ସମସ୍ତ ରାସ୍ତାରୁ ଗଛ କାଟି ସଫା କରିଛନ୍ତି। ଫଳରେ ବିରିଡ଼ି ଅଞ୍ଚଳରେ ଯାତାୟାତ ସ୍ୱାଭାବିକ ହୋଇଛି।

### ଖବରଦାତାଙ୍କ ପିତୃ ବିୟୋଗ



ପାରାଦୀପ,୧୧।୫(ସ୍ୱ.ପ୍ର.): ଜଗତ୍‌ସିଂହପୁର ଜିଲା ପାରାଦୀପର ଧରିତ୍ରୀ ପ୍ରତିନିଧି ଶରତ କୁମାର ରାଉତଙ୍କ ପିତା ଶହଦେବ ରାଉତଙ୍କ ଶୁକ୍ରବାର ବିଳମ୍ବିତ ରାତ୍ରିରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା। ବାର୍ଦ୍ଧକ୍ୟଜନୀତ ଅସୁସ୍ଥତା ଯୋଗୁ ସେ ଶଯ୍ୟାଶାୟୀ ଥିଲେ। ତାଙ୍କ ଦେହାନ୍ତ ଖବରପାଇ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ୍ ଈଶ୍ୱରପୁର ପଞ୍ଚାୟତର କଣ୍ଡିରା ଗ୍ରାମସ୍ଥିତ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଜ୍ୟେଷ୍ଠପୁତ୍ର ମହେଶ୍ୱର ରାଉତ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସମସ୍ତ ପୁତ୍ର, ପୁତ୍ରବଧୂ, ଝିଅ, ନାତି ନାତୁଣୀଙ୍କ ସମେତ ଆତ୍ମୀୟମାନେ ଉପସ୍ଥିତ ଥିଲେ।

### ଶନିଶ୍ଚର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

କୁଜଙ୍ଗ,୧୧।୫(ସ୍ୱ.ପ୍ର.): କୁଜଙ୍ଗ ଓ ପଙ୍କପାଳ ଗଡ଼ା ନିକଟ ଚୌଧୁରୀକୁଦରେ ଥିବା ଶନି ମନ୍ଦିରରେ ଶନିବାର ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଛି। ଏହି ଜଳାଭିଷେକ ପାଇଁ ପୋଲିସ ଓ ଦମକଳ ବାହିନୀ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପଙ୍କପାଳ ମହାନଦୀ ଘାଟରେ ଓଡ୍ରାଫ୍ ଟିମ୍ ସହ ୮ଟି ସ୍ୱତନ୍ତ୍ର ଡଙ୍ଗା ବ୍ୟବସ୍ଥା ହୋଇଥିଲା। ଚୌଧୁରୀକୁଦରେ ସ୍ୱତନ୍ତ୍ର ପୂଜା କରାଯାଇଥିଲା। ସେହିପରି କୁଜଙ୍ଗ ଶନି ମନ୍ଦିରରେ ଯମୁନା ଦାସଙ୍କ ସହ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବାର୍ଷିକ ଯଜ୍ଞ, ହୋମ ପୂଜା ଓ ପ୍ରସାଦ ସେବନ କରାଯାଇଥିଲା। ଏଠାରେ ହଜାର ହଜାର ଶ୍ରଦ୍ଧାଳୁ ଜଳାଭିଷେକ କରିଥିଲେ। ପଙ୍କପାଳଠାରେ ମୁଖ୍ୟ ପୂଜକ ହେମନ୍ତ ମହାପାତ୍ରଙ୍କ ନେତୃତ୍ୱରେ ସଞ୍ଜୟ ସ୍ୱାଇଁ, ସୁନାକର ବେହେରା, ସୁରେଶ ବେହେରା, ସଚ୍ଚିଦାନନ୍ଦ ସ୍ୱାଇଁ, ନୀବାରଣ ପାତ୍ର, ଦିଲୀପ କୁମାର ମହାପାତ୍ର, ରଘୁନାଥ ଦାସ, ପ୍ରଦୀପ ରାଉତ, କୈଳାସ ପରିଡା, ରବୀନ୍ଦ୍ର ନାଥ ସ୍ୱାଇଁ, ପ୍ରଦ୍ୟୁମ୍ନ ଦାସ ପ୍ରମୁଖ ଜଳାଭିଷେକ ସହ ବାର୍ଷିକ ଉତ୍ସବ ପରିଚାଳନା କରିଥିଲେ।

### ସ୍ୱାଭାବିକ ହେଉନି ପାସେଞ୍ଜର ଟ୍ରେନ୍ ଚଳାଚଳ

କୁଜଙ୍ଗ,୧୧।୫(ସ୍ୱ.ପ୍ର): ରାଜ୍ୟ ପ୍ରଗତିର ମୁଖଶାଳା କୁହାଯାଉଥିବା ପାରାଦୀପକୁ ଏବେ ମାଲବାହୀ ଟ୍ରେନ ଚଳାଚଳ କରୁଥିବାବେଳେ ପାସେଞ୍ଜର ଟ୍ରେନ୍ କିମ୍ବା ଇଣ୍ଟରସିଟି ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇନାହିଁ। ରେଳପଥରେ ଯାତ୍ରା ଶସ୍ତା ଓ ଅପେକ୍ଷାକୃତ ନିରାପଦ ହୋଇଥିବାବେଳେ ଏବେ ବାତ୍ୟା ଫନୀ ପରଠାରୁ ରେଳ ଚଳାଚଳ ଏକ ପ୍ରକାର ଠପ୍ ହୋଇଯାଇଛି। ଦୀର୍ଘଦିନ ହେବ ଗୋଟିଏ ଟ୍ରେନ୍‌କୁ ରେଲୱେ ବାତିଲ କରି ଏହି ଅଞ୍ଚଳ ପ୍ରତି ଉପେକ୍ଷା କରିଥିବା ଅଭିଯୋଗ ହେଉଛି। ଏହି ସମସ୍ୟା ବିଷୟରେ ସାମାଜିକ କର୍ମୀ ଶ୍ରୀ ବଲ୍ଲଭ କର ଟୁଇଟ୍ ଯୋଗେ କେନ୍ଦ୍ର ରେଳ ମନ୍ତ୍ରୀ ପିୟୁଷ ଗୋୟଲଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଖୋର୍ଦ୍ଧା ଡିଭିଜନରେ ମଧ୍ୟ ଅଭିଯୋଗ କରିଛନ୍ତି।

## ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

ପାରାଦୀପ,୧୧।୫(ସ୍ୱ.ପ୍ର.)

ପାରାଦୀପ ଲକ୍ ଥାନା ଅଞ୍ଚଳର ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଛାତ୍ରୀଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଛାତ୍ରୀ ଜଣଙ୍କ ସରସ୍ୱତୀ ଶିଶୁ ମନ୍ଦିରରେ ପଢନ୍ତି। ଗତ ୯ ତାରିଖ ସକାଳ ୭ଟା ୩୦ରେ ସେ ସ୍କୁଲ ଯିବାକୁ ଘରୁ ବାହାରିଥିଲେ। ପୂର୍ବାହ୍ନ ୧୧ଟା ସୁଦ୍ଧା ସେ ଘରକୁ ଫେରିବା କଥା। ମାତ୍ର ୧୨ଟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଏପରିକି ତାଙ୍କ ସାଙ୍ଗସାଥୀ କୌଣସି ସୂଚନା ଦେଇପାରି ନ ଥିଲେ। ସ୍କୁଲ ସହ ଯୋଗାଯୋଗ କରିବାରୁ ଘଟଣାଦିନ ସେ କ୍ଲାସ୍ କରି ନ ଥିବା ଜଣାପଡ଼ିଥିଲା। ତେଣୁ ସ୍ଥାନୀୟ ଅଞ୍ଚଳର ୩ଜଣ ଯୁବକ ଛାତ୍ରୀଙ୍କୁ ଅପହରଣ କରିନେଇଥିବା ପରିବାର ଲୋକେ ସନ୍ଦେହ କରିଥିଲେ। ଏ ନେଇ ଛାତ୍ରୀଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ.୭୩/୧୯ ରୁଜୁ କରି ଛାତ୍ରୀଙ୍କୁ ଖୋଜିବା ସହ ଘଟଣାର ତଦନ୍ତ ଚଳାଇଛି।

## ୪୦ ଫୁଟ ଗଛ ଉପରେ ଚାପିହୋଇ ରହିଲେ ୨ଘଣ୍ଟା

ତିର୍ତ୍ତୋଲ,୧୧।୫(ଡି.ଏନ.ଏ.)

ଫନୀରେ ଭାଙ୍ଗିଯାଇ ବିପଦସଙ୍କୁଳ ଭାବରେ ଲାଖିରହିଥିବା ଏକ ଚାକୁଣ୍ଡା ଗଛ ଡାଳ କାଟୁଥିବାବେଳେ ଜଣେ ବ୍ୟକ୍ତି ଗଛ ଉପରେ ଡାଳ ମଝିରେ ଚାପି ହୋଇ ୨ ଘଣ୍ଟା କାଳ ଗଛରେ ଓହଳି ରହିଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ଦୀର୍ଘ ସମୟ ଅକ୍ଲାନ୍ତ ପରିଶ୍ରମ କରି ତାଙ୍କୁ ୪୦ଫୁଟ ଉଚ୍ଚ ଗଛ ଉପରୁ ଉଦ୍ଧାର କଲେ। ଏଭଳି ଘଟଣା ଘଟିଛି ତିର୍ତ୍ତୋଲ ବ୍ଲକ କୋଲର ପଞ୍ଚାୟତର ଓଳଗଦା ଗ୍ରାମରେ। ଗ୍ରାମର କୁମାନୀ ମଲ୍ଲିକ(୫୧)ଙ୍କ ବାଡିରେ ଥିବା ଏକ ବଡ଼ ଚାକୁଣ୍ଡା ଗଛର ଡାଳ ବାତ୍ୟାରେ ଭାଙ୍ଗି ଗଛରେ ଲାଗି ରହିଥିଲା। ଗଛ ତଳ ଦେଇ ଯାତାୟାତ କରୁଥିବା ଲୋକଙ୍କ ପ୍ରତି ଏହା ବିପଦ ସୃଷ୍ଟି କରିବାର ଆଶଙ୍କା ଥିଲା। ତେଣୁ ଶନିବାର ଏହି ଡାଳକୁ କାଟି ତଳକୁ ଖସାଇବା ପାଇଁ କୁମାନୀ ଉଦ୍ୟମ କରିଥିଲେ। ୪୦ଫୁଟରୁ ଅଧିକ ଉଚ୍ଚରେ ଭାଙ୍ଗି ରହିଥିବା ଉକ୍ତ ଡାଳ କାଟିବା ପାଇଁ ସେ ଗଛରେ ଚଢିଥିଲେ। ଡାଳଟିକୁ କାଟୁଥିବା ସମୟରେ ଅସାବଧାନତା କାରଣରୁ ଡାଳଟି ସାମାନ୍ୟ ଖସିଆସିଥିଲା ଓ ଗଛ ଉପରେ କୁମାନୀ ଚାପି ହୋଇ ଝୁଲନ୍ତା ଅବସ୍ଥାରେ ରହିଯାଇଥିଲେ। ତାଙ୍କ ଚିତ୍କାର ଶୁଣି


ଗଛଡାଳରେ ଝୁଲି ରହିଥିବା କୁମାନୀ ମଲ୍ଲିକଙ୍କୁ ଉଦ୍ଧାର କରାଯାଉଛି।

**■ଫନୀରେ ଭାଙ୍ଗିଯାଇଥିବା ଗଛ ଡାଳ କାଟୁଥିଲେ**

**■ଉଦ୍ଧାର କଲେ ଅଗ୍ନିଶମ କର୍ମଚାରୀ**

ଲୋକମାନେ ଗଛ ପାଖକୁ ଦୌଡ଼ି ଯାଇଥିଲେ। କୁମାନୀଙ୍କ ଅବସ୍ଥା ଦେଖି ଅଗ୍ନିଶମ ସେବା ସଂସ୍ଥା କାର୍ଯ୍ୟାଳୟକୁ ଖବର ଦେଇଥିଲେ। ମୁଖ୍ୟ ଆଗ୍ନିକ କାର୍ତ୍ତିକ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅଗ୍ନିଶମ କର୍ମଚାରୀମାନେ କୁମାନୀଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। ଆଗ୍ନିକ ପ୍ରଶାନ୍ତ ମାଝୀ କଟର, ଦଉଡ଼ି ଓ ସେଫ୍‌ଟି ବେଲ୍ଟ ଆଦି ନେଇ ଗଛରେ ଚଢି ଡାଳ କାଟିବା ପରେ କୁମାନୀଙ୍କୁ ଉଦ୍ଧାର କରିଥିଲେ। ମୁଖ୍ୟ ଆଗ୍ନିକ ସୁବାସ ସେନାପତି, ବାଲକେଶ୍ୱର ସିଂ ପ୍ରମୁଖ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ଉଦ୍ଧାର ପରେ କୁମାନୀ ସୁସ୍ଥ ଥିବା ଜଣାଯାଇଛି।

## ଫନୀ ବିପନ୍ନଙ୍କୁ ସହାୟତା ବଣ୍ଟନ

କୁଜଙ୍ଗ,୧୧।୫(ସ୍ୱ.ପ୍ର)

ଫନୀରେ ପ୍ରଭାବିତ କୁଜଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ରାଶନ କାର୍ଡଧାରୀଙ୍କୁ ଅର୍ଥରାଶି ସହ ଚାଉଳ ବଣ୍ଟନ କରାଯାଇଛି। କୁଜଙ୍ଗ ବ୍ଲକ୍‌ର ପାରାଦୀପ ଗଡ଼ ପଞ୍ଚାୟତରେ ସରପଞ୍ଚ ମିହିର ରଞ୍ଜନ ସାହୁ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରହ୍ଲାଦ ବେହେରା, ସରୋଜ ସାମନ୍ତରାୟ, ସୁରେନ୍ଦ୍ର ମଙ୍ଗରାଜ, ପ୍ରମୋଦ ରଞ୍ଜନ କର, ନାଏବ ସରପଞ୍ଚ ସସ୍ମିତା ମଲିକ୍, କାଳନ୍ଦୀ ସାହୁ, ନୀରଞ୍ଜନ ମଲିକ୍ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ରିଲିଫ କାର୍ଯ୍ୟ ତଦାରଖ କଲେ ଜିଲାପାଳ

ପାରାଦୀପ,୧୧।୫(ସ୍ୱ.ପ୍ର.)

ଫନୀ ପ୍ରଭାବରେ କ୍ଷତିଗ୍ରସ୍ତ ଲୋକଙ୍କୁ ରିଲିଫ୍ ପ୍ରଦାନ କରାଯାଉଥିବା ବେଳେ ଶନିବାର ଜଗତ୍‌ସିଂହପୁର ଜିଲାପାଳ ଗୁହା ପୁନମ ତାପସ କୁମାର ପାରାଦୀପ ଗସ୍ତରେ ଆସି ଏସବୁ କାର୍ଯ୍ୟ ତଦାରଖ କରିଛନ୍ତି। ପାରାଦୀପ ପୌରାଞ୍ଚଳର ୯୧୫୩ ରାଶନକାର୍ଡଧାରୀ ପରିବାରଙ୍କୁ ରିଲିଫ ଦିଆଯାଉଛି। ଏହି ପରିବାର ମଧ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ଉପଭୋକ୍ତା ସଂଖ୍ୟା ୮୩୦୨ ଥିବାବେଳେ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ଉପଭୋକ୍ତା ସଂଖ୍ୟା ୮୫୧ ରହିଛି। ଏହି ୯୧୫୩ ପରିବାରଙ୍କୁ ୫୦୦ଟଙ୍କା ହିସାବରେ ୪୫,୭୬,୫୦୦ ଟଙ୍କା ପ୍ରଦାନ କରାଯିବ। ଉକ୍ତ ପରିବାରର ମୋଟ ସଦସ୍ୟ ସଂଖ୍ୟା ୩୪୨୧୪ ଥିବାବେଳେ ମୁଣ୍ଡପିଛା ୫ କିଲୋ ଚାଉଳ ବଣ୍ଟନ କରାଯାଉଛି। ଏହି ହିସାବରେ ୧୭୧୦.୭୦ କୁଇଣ୍ଟାଲ ଚାଉଳ ବଣ୍ଟନ କରାଯିବ। ଏଥିସହ ପରିବାର ପିଛା ୨.୫ ଲିଟର କିରୋସିନ ବଣ୍ଟନ କରାଯିବ। ଏତଦ୍‌ବ୍ୟତିରେକ ପୌରାଞ୍ଚଳରେ ଭତ୍ତା ପାଉଥିବା ୧୫୬୪ ହିତାଧିକାରୀଙ୍କୁ ଚଳିତମାସରେ ଦୁଇଗୁଣା ଅର୍ଥ ପ୍ରଦାନ କରାଯିବ। ଜିଲାପାଳ ଏସବୁ କାର୍ଯ୍ୟ ଠିକ୍ ଭାବେ ହେଉଛି ନା ନାହିଁ ତଦାରଖ କରିବା ସହ ରିଲିଫ ବଣ୍ଟନ କରିଥିଲେ।

## ବିଦ୍ୟୁତ୍ ପାଇଁ ରାସ୍ତାରୋକୋ

ନାଉଗାଁ,୧୧।୫(ସ୍ୱ.ପ୍ର.)

ନାଉଗାଁ ବ୍ଲକରେ ଫନୀ ପ୍ରଭାବରେ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ବିଦ୍ୟୁତ୍ ସେବା ପ୍ରଦାନ ନିମନ୍ତେ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ବିଭାଗ ପକ୍ଷରୁ ସେଭଳି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହାର ପ୍ରତିବାଦରେ ଶୁକ୍ରବାର ନାଉଗାଁ ବ୍ଲକ ଅନ୍ତର୍ଗତ ବାଂଶ ପଞ୍ଚାୟତର ଚାନ୍ଦପୁରାଠାରେ ଗ୍ରାମବାସୀ ଟାୟାର ଜାଳି ନାଉଗାଁ-ଗାରୋଇ ରାସ୍ତା ଅବରୋଧ କରିଥିଲେ। ଫଳରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଗ୍ରାମର ନାରାୟଣ ଗୋଚ୍ଛାୟତ, ଗଣେଶ ଗୋଚ୍ଛାୟତ, ଆର୍ତ୍ତ ଗୋଚ୍ଛାୟତ, ଶରତ ଗୋଚ୍ଛାୟତ, ଅକ୍ଷୟ ଗୋଚ୍ଛାୟତ, ପଞ୍ଚାନନ ଗୋଚ୍ଛାୟତ ପ୍ରମୁଖଙ୍କ ନେତୃତ୍ୱରେ ରାସ୍ତାରୋକୋ ହୋଇଥିଲା। ବାରମ୍ବାର ବିଦ୍ୟୁତ୍ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ ଜଣାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସେସୁର କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବିଶୋଇ କହିଛନ୍ତି ଯେ, ପର୍ଯ୍ୟାୟ କ୍ରମେ ବିଦ୍ୟୁତ୍ ସଂଯୋଗ ଦିଆଯାଉଛି। ଖୁବ୍‌ଶୀଘ୍ର ସମସ୍ତ ଉପଭୋକ୍ତାଙ୍କୁ ସେବା ଯୋଗାଇ ଦିଆଯିବ।


ବିଦ୍ୟୁତ୍ ସେବା ପ୍ରଦାନରେ ବିଳମ୍ବକୁ ବିରୋଧ କରି ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

## ଦୁର୍ଘଟଣାରେ ଏମ୍‌ପି କୁଳମଣି ସାମଲ ଆହତ

ତିର୍ତ୍ତୋଲ,୧୧।୫(ଡି.ଏନ.ଏ.)

ଜଗତ୍‌ସିଂହପୁର ଏମ୍‌ପି ଡା. କୁଳମଣି ସାମଲଙ୍କ ଗାଡ଼ି ଶନିବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ସେ ସାମାନ୍ୟ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଡା. ସାମଲ ଅପରାହ୍ନ ସାଢେ ୪ଟାରୁ ୫ଟା ମଧ୍ୟରେ ସ୍କର୍ପିଓ (ନଂ.ଓଡି୨୧ସି୦୦୦୨) ଯୋଗେ କୁଜଙ୍ଗରୁ ବିରିଡ଼ି ଅଭିମୁଖେ ଯାଉଥିଲେ। ଜଇପୁର-ଜଗତ୍‌ସିଂହପୁର ରାସ୍ତାର ସଅଁରା ଛକ ନିକଟରେ ଜଣେ ସାଇକେଲଆରୋହୀ ତାଙ୍କ ଗାଡ଼ି ଆଗକୁ ଚାଲି ଆସିଥିଲେ। ଫଳରେ ଡ୍ରାଇଭର ସାଇକେଲ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ଭାରସାମ୍ୟ ହରାଇ ଡାହାଣ ପାର୍ଶ୍ୱରେ ଥିବା ଏକ ଚାକୁଣ୍ଡା ଗଛରେ ଗାଡି ପିଟି ଦେଇଥିଲେ। ଏଥିରେ ଡା. ସାମଲଙ୍କ ମୁଣ୍ଡ ଓ ଶରୀରରେ ଆଘାତ ଲାଗିଛି। ତୁରନ୍ତ ତାଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାଯାଇଛି।


ଦୁର୍ଘଟଣାଗ୍ରସ୍ତ ସ୍କର୍ପିଓ।

## ପକ୍ଷୀଙ୍କ ବସା, ଡେଣା ଭାଙ୍ଗି ଦେଇଛି ଫନୀ

ବାଙ୍କୀ,୧୧।୫(ସ୍ୱ.ପ୍ର.): ବାଙ୍କୀ ଥାନା ପରିସର ଓ ପାର୍ଶ୍ୱରେ ଥିବା ଫାଶି, ଦେବଦାରୁ, ଜାମୁ ଓ ଆମ୍ବ ଆଦି ଗଛରେ ଶହଶହ ବାଦୁଡି ଏବଂ ଅନ୍ୟ ପକ୍ଷୀ ବାସ କରୁଥିଲେ। ବାତ୍ୟା ଫନୀ ପ୍ରଭାବରେ ବହୁସଂଖ୍ୟକ ବାଦୁଡି ମୃତ୍ୟୁବରଣ କରିଥିବାବେଳେ ଅନେକ ଆହତ ହୋଇଛନ୍ତି। ଆହତ ବାଦୁଡିମାନେ ଉଡି ପାରୁନାହାନ୍ତି।

## ଜିଲାରେ ୧୪ ଗାଈ, ୧୪ ହଜାର କୁକୁଡ଼ା ମୃତ

ଜଗତ୍‌ସିଂହପୁର ଅଫିସ,୧୧।୫

**ଫନୀରେ କ୍ଷତିଗ୍ରସ୍ତ ପ୍ରାଣୀ ସମ୍ପଦ**

**■ପାରା ବଂଶ ଲୋପ ଆଶଙ୍କା**

**■ଗୋଖାଦ୍ୟ ବଣ୍ଟନ ଆରମ୍ଭ**

ଫନୀ ପ୍ରଭାବରେ ଜଗତ୍‌ସିଂହପୁର ଜିଲାରେ ପ୍ରାଣୀ ସମ୍ପଦ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ଜିଲାରେ ମୋଟ୍ ୧୪ଟି ଗାଈ, ୧ ମଇଁଷି, ୬ ବାଛୁରୀ, ୮ କ୍ଷୁଦ୍ର ପ୍ରାଣୀ ସମେତ ୧୪,୪୬୩ କୁକୁଡ଼ାଙ୍କ ମୃତ୍ୟୁ ହୋଇଥିବା ସୂଚନା ଦିଆଯାଇଛି। ବାତ୍ୟା ପରେ ଟୀକାକରଣ ସମେତ ଅନ୍ୟାନ୍ୟ ପଦକ୍ଷେପ ନିଆଯାଉଛି। ଏଥିମଧ୍ୟରେ ୧୯୧ ମେଟ୍ରିକ୍ ଟନ୍ ଗୋଖାଦ୍ୟ ଜିଲାରେ ପହଞ୍ଚିଛି। ସେଗୁଡିକ ବାଣ୍ଟିବା ପାଇଁ ପଦକ୍ଷେପ ନିଆଯାଉଥିବା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

ବାତ୍ୟା ଫନୀ ଯୋଗୁ ଅଧିକାଂଶ କଚ୍ଚା, ଚାଳ ଛପର ଘର କ୍ଷତିଗ୍ରସ୍ତ ହୋଇଛି। ଧାନ, ମୁଗ, ଚିନାବାଦାମ, ଆଖୁ ଆଦି ଫସଲ ପ୍ରଭାବିତ ହୋଇଛି। ପ୍ରାଣୀ ସମ୍ପଦ ପ୍ରଭାବିତ ହେବା ସହ ବିଦ୍ୟୁତ ସମସ୍ୟା ଜଟିଳ ରୂପ ନେଇଛି। ୧୯ତମ (୨୦୧୨ ମସିହା) ପ୍ରାଣୀ ସମ୍ପଦ ଗଣନା ଅନୁଯାୟୀ ଜିଲାରେ ୩,୦୨,୮୦୦ ବଡ଼ ପ୍ରାଣୀ, ୧,୩୦,୪୬୬ କ୍ଷୁଦ୍ର ପ୍ରାଣୀ ଓ ୪,୨୬,୦୧୬ କୁକୁଡ଼ା ରହିଛନ୍ତି। ଶନିବାର ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଜିଲାର ପ୍ରାଣୀ ସମ୍ପଦ ବିଶେଷକରି କୁକୁଡ଼ା ବଂଶ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ବ୍ଲକସାରା ମୃତାହତ ସଂଖ୍ୟା ଅନୁଶୀଳନ କଲେ ଜଣାଯାଏ ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳରେ ୨ଟି ଗାଈ, ୧ ବାଛୁରୀ, ୩ଟି କ୍ଷୁଦ୍ର ପ୍ରାଣୀ ଓ ୮,୭୦୦ କୁକୁଡ଼ାଙ୍କ ମୃତ୍ୟୁ ହୋଇଛି। ଏସବୁ କୁକୁଡ଼ା ୫ଜଣ ବ୍ୟକ୍ତି (ଯଥାକ୍ରମେ-୨୦୦, ୧,୮୦୦, ୩,୦୦୦, ୩,୦୦୦, ୭୦୦)ଙ୍କର ଥିବା ଦର୍ଶାଯାଇଛି। ସେହିପରି ବିରିଡ଼ି ବ୍ଲକ ଅଞ୍ଚଳରେ ୧ ଗାଈ, ୪ କ୍ଷୁଦ୍ର ପ୍ରାଣୀ ଓ ୧,୯୬୩ କୁକୁଡ଼ାଙ୍କ ମୃତ୍ୟୁ ହୋଇଥିବା ଦର୍ଶାଯାଇଛି। ମୃତ ୧,୯୬୩ କୁକୁଡ଼ା ୫ ଜଣ (୮୩୫, ୨୬୦, ୨୨୫, ୩୨୫, ୩୧୮)ଙ୍କର ବୋଲି କୁହାଯାଇଛି। ବାଲିକୁଦା ବ୍ଲକ ଅଞ୍ଚଳରେ ୩ ଗାଈ ଓ ୧ ବାଛୁରୀଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ନାଉଗାଁ ବ୍ଲକ ଅଞ୍ଚଳରେ ୨ ଜଣଙ୍କ ୧,୦୦୦ ହିସାବରେ ୨,୦୦୦ କୁକୁଡ଼ା ମୃତ୍ୟୁ ହୋଇଛି। ରଘୁନାଥପୁର ବ୍ଲକ ଅଞ୍ଚଳରେ ୧ ଗାଈ, ୨ ବାଛୁରୀ, ୧ କ୍ଷୁଦ୍ର ପ୍ରାଣୀ ଓ ୬୦୦ କୁକୁଡ଼ାଙ୍କ ମୃତ୍ୟୁ ହୋଇଥିବା ଦର୍ଶାଯାଇଛି। ତିର୍ତ୍ତୋଲ ବ୍ଲକ ଅଞ୍ଚଳରେ ୧ ଗାଈ, ୧ ମଇଁଷି, ୨ ବାଛୁରୀ ଓ ୧,୨୦୦ କୁକୁଡ଼ାଙ୍କ ମୃତ୍ୟୁ ହୋଇଛି। କୁଜଙ୍ଗ ବ୍ଲକ ଅଞ୍ଚଳରେ ୧ ଗାଈ ଓ ଏରସମାରେ ୫ ଗାଈଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ପାରା ବଂଶ ଏକପ୍ରକାର ଲୋପ ହୋଇଯାଇଥିବା ଅନୁମାନ କରାଯାଉଛି। ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ସହରରେ ବହୁ ସଂଖ୍ୟକ ପାରା ଥିଲେ। କିନ୍ତୁ ଏବେ ଆଉ ଏହି ପାରା ଦେଖିବାକୁ ମିଳୁନାହାନ୍ତି। ଅନୁରୂପ ଭାବେ କାଉ, କୋଇଲି, ବଣି, ହଳଦୀ ବସନ୍ତ, ଘରଚଟିଆ, ସୁଆ, ସାରୀ, ବଗ ଆଦି ବହୁ ସଂଖ୍ୟାରେ ମୃତ୍ୟୁ ହୋଇଛି। ଏହି ପକ୍ଷୀ ବଂଶ ବୃଦ୍ଧି ପାଇଁ ଆହୁରି କେତେବର୍ଷ ଲାଗିଯିବ ତାହା କହିବା କଷ୍ଟକର।

## ସଂକ୍ଷେପରେ

### ବାଉଁଶ କାଟୁଥିବା ବେଳେ ଜଣେ ମୃତ

**ମହାକାଳପଡା, ୧୧।୫ (ଡି.ଏନ.ଏ.)-** ମହାକାଳପଡା ବ୍ଲକ ଅନ୍ତର୍ଗତ ଗଉଡ଼ ବାଡପୁର ଗ୍ରାମର ତ୍ରିଲୋଚନ ସେଠୀ(୫୦)ଙ୍କ ଶନିବାର ଅପରାହ୍ନରେ ମୃତ୍ୟୁ ଘଟିଛି। ଅପରାହ୍ନ ସମୟରେ ସେ ନିଜର ବାଡିରେ ବାଉଁଶ କାଟୁଥିବା ସମୟରେ ହଠାତ୍ ଅସୁସ୍ଥ ହୋଇ ଚୋତାଶୂନ୍ୟ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ମହାକାଳପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମହାକାଳପଡା ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ୨/୧୯) ରୁଜୁ କରାଯାଇଛି। ରବିବାର କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବ।

### ଶନି ଓଷା ପାଇଁ ଭକ୍ତଙ୍କ ଭିଡ଼

**କୋରେଇ,୧୧।୫(ସ୍ୱ.ପ୍ର.)-** ଶନିଓଷା ନିମନ୍ତେ ଶନିବାର କୋରେଇ ବ୍ଲକର ବିଭିନ୍ନ ଶନିପୀଠରେ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଛି। ସମଗ୍ର ଅଞ୍ଚଳରେ ଆମିଷ ନିଷେଧ କରାଯିବା ସହ ପ୍ରତ୍ୟୁଷରୁ ଭିଡ ଲାଗିଥିଲା। ସକାଳୁ କଳସବୁଡା ହେବା ସହ ପୂଜାର୍ଚ୍ଚନ ଚାଲିଥିଲା। ପ୍ରବଳ ଖରା ସତ୍ତ୍ୱେ ଭକ୍ତମାନେ ଶନିଙ୍କ ଦର୍ଶନ କରି କୃପା ଲାଭ କରିଥିଲେ। ପାଣିକୋଇଲି, ଓଚିନ୍ଦା(ମୁଲରୀ), କରଦା, ଉପୁଳାଇ, କତରାପୁର ଆଦି ଶନିପୀଠରେ ଭିଡ ଲାଗିଥିଲା ଶନି ଦର୍ଶନ ପାଇଁ ଭକ୍ତଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳିଥିଲା।

### ଫନୀରେ ଅଲାରନାଥ ମନ୍ଦିର କ୍ଷତିଗ୍ରସ୍ତ ସ୍ଥିତି ଅନୁଧ୍ୟାନ କଲା ପ୍ରତ୍ନତତ୍ତ୍ୱ ବିଭାଗ

**ବ୍ରହ୍ମଗିରି,୧୧।୫(ଡି.ଏନ୍.ଏ.):** ବାତ୍ୟା ଫନୀ ପ୍ରଭାବରେ ବ୍ରହ୍ମଗିରିସ୍ଥିତ ଶ୍ରୀଅଲାରନାଥ ମନ୍ଦିର କ୍ଷତିଗ୍ରସ୍ତ ହୋଇଛି। ଶନିବାର ପ୍ରତ୍ନତତ୍ତ୍ୱ ବିଭାଗ ତରଫରୁ ଏହାର କ୍ଷୟକ୍ଷତି ଆକଳନ କରାଯାଇଛି। ଏହି ମନ୍ଦିରଟି ପଞ୍ଚଦଶ ଶତାବ୍ଦୀ ପୂର୍ବର ବହୁ ପ୍ରାଚୀନ ମନ୍ଦିର। ଓଡିଶା ପର୍ଯ୍ୟଟନ କ୍ଷେତ୍ରରେ ଏହି ମନ୍ଦିରଟି ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହାର ସୁରକ୍ଷା ଦାୟିତ୍ୱ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଉପରେ ନ୍ୟସ୍ତ। କିନ୍ତୁ ବାତ୍ୟା ଯୋଗୁ ଏହି ମନ୍ଦିରଟି ବିଶେଷ କ୍ଷତିଗ୍ରସ୍ତ ହୋଇଥିବା ବେଳେ ମନ୍ଦିର ଚାରିପଟେ କରାଯାଇଥିବା ପ୍ରଲେପ ଓ ପ୍ଲାଷ୍ଟର ବାହିରି ପଡ଼ିଛି। ପାଣି ଗଳିବା ଯୋଗୁ ଏହା ମନ୍ଦିର ପାଇଁ ବିପଦ ସୃଷ୍ଟି ହେବ ବୋଲି ପ୍ରତ୍ନତତ୍ତ୍ୱ ବିଭାଗର କଞ୍ଜରଭେଶନ କନିଷ୍ଠ ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ ସୂଚନା ଦେଇଛନ୍ତି।

### ସୁଧୁରୁଛି ବାତ୍ୟା ବିପନ୍ନଙ୍କ ସ୍ଥିତି

**ନିଶ୍ଚିନ୍ତକୋଇଲି,୧୧।୫(ସ୍ୱ.ପ୍ର.):** ବାତ୍ୟା ଫନୀ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ବିପନ୍ନଙ୍କ ସ୍ଥିତି କ୍ରମେ ସୁଧୁରୁଛି। ବିଭିନ୍ନ ଗାଁରେ ବିଦ୍ୟୁତ୍ ସଂଯୋଗ ହେବାପରେ ଲୋକେ ଆଶ୍ୱସ୍ତି ଅନୁଭବ କରୁଛନ୍ତି। ଅନ୍ୟପକ୍ଷରେ ଫନୀ ଯୋଗୁ ଗଛ ସବୁ ନଷ୍ଟ ହୋଇଯାଇଥିବାରୁ ରୌଦ୍ରତାପ ସାଧାରଣ ଜୀବନଯାତ୍ରାକୁ ଅସ୍ୱାଭାବିକ କରି ପକାଇଛି। ରୌଦ୍ରତାପ ଫଳରେ ଲୋକେ କାମ କରିପାରୁନାହାନ୍ତି। ତେବେ ଅପରାହ୍ନରେ ଥଣ୍ଡା ପଡିବାରୁ ବିପନ୍ନ ନିଜ ନିଜର ଉଜୁଡା ସଂସାରକୁ ପୁଣି ଗଢି ତୋଳିବା ପାଇଁ ପ୍ରୟାସ କରୁଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ରିଲିଫ ଓ ପଲିଥିନ ବଣ୍ଟନ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଏହି ବ୍ଲକ ଅଞ୍ଚଳରେ ୨୨୧ ଗ୍ରାମ ପ୍ରଭାବିତ ହୋଇଥିଲା। ପ୍ରାୟ ୨ଲକ୍ଷ ୧୨ହଜାର ୫୬୫ଜଣ କ୍ଷତିଗ୍ରସ୍ତ ହୋଇଥିଲେ। ସରକାର ପାରମ୍ଭିକ ସ୍ତରରେ ଚୁଡାଗୁଡ ବିସ୍କୁଟ ଓ ବାତ୍ୟା ସମୟରେ ରନ୍ଧାଖାଦ୍ୟ ଯୋଗାଇଥିବା ବେଳେ ବାତ୍ୟାପରେ ପ୍ରତ୍ୟକ ରାଶନକାର୍ଡ ହିତାଧିକାରୀଙ୍କୁ ୫ କେଜି ଚାଉଳ ଓ କାର୍ଡ ପିଛା ୫୦୦ ଟଙ୍କା ପ୍ରଦାନ କରିଛନ୍ତି। ଭତ୍ତା ହିତାଧିକାରୀଙ୍କୁ ୨ ମାସର ଟଙ୍କା ପ୍ରଦାନ କରାଯାଇଛି। ତେବେ ରାଶନ କାର୍ଡ ନ ଥିବା ବାତ୍ୟା କ୍ଷତିଗ୍ରସ୍ତଙ୍କୁ ଏଯାବତ କୌଣସି ସରକାରୀ ସହାୟତା ଯୋଗାଇ ଦିଆଯାଇନାହିଁ। ଏପରି କି ରିଲିଫ ପ୍ରଦାନ କରାଯାଇ ନ ଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ପାନୀୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ପ୍ରତ୍ୟକ ଗାଁକୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଯାଉଛି। ବିଦ୍ୟୁତ୍ ସଂଯୋଗ ନ ଥିବା ପାନୀୟଜଳ ପ୍ରକଳ୍ପକୁ ଜେନେରେଟର ସାହାଯ୍ୟରେ ପାଣି ଉଠାଯାଇ ଲୋକଙ୍କୁ ପ୍ରଦାନ କରାଯାଉଛି। ଯୁଦ୍ଧକାଳୀନ ଭିତ୍ତିରେ ଲୋକଙ୍କ ନିକଟରେ ପାନୀୟଜଳ ପହଞ୍ଚାଇବା ପାଇଁ ଉଦ୍ୟମ ଚାଲିଥିବା ବିଭାଗୀୟ ଯନ୍ତ୍ରୀ ଚିନ୍ମୟ ବେହେରା ପ୍ରକାଶ କରିଛନ୍ତି।

# ବିଜୁଳି ପାଇଁ ରାସ୍ତା ଅବରୋଧ


ଉତ୍ତ୍ୟକ୍ତ ଲୋକେ କଟକ-ପାରାଦୀପ ରାସ୍ତା ଅବରୋଧ କରିଛନ୍ତି।

**ରଘୁନାଥପୁର, ୧୧।୫(ଡି.ଏନ୍.ଏ.)**

ବାତ୍ୟା ଫନୀ ଯିବାର ୮ ଦିନ ହୋଇଥିଲେ ସୁଦ୍ଧା ବିଦ୍ୟୁତ୍ ବ୍ୟବସ୍ଥାରେ ସୁଧାର ନ ଆସିବାରୁ ସାଧାରଣ ଜନତାଙ୍କ ମଧ୍ୟରେ କ୍ଷୋଭ ସୃଷ୍ଟି ହୋଇଛି। ପରିଣାମ ସ୍ୱରୂପ ରଘୁନାଥପୁର ବ୍ଲକ ତଥା ତିର୍ତ୍ତୋଲ ସେସୁ ଏସ୍‌ଡିଓଙ୍କ ଅଧୀନରେ ଥିବା ଛପଡ଼ା ପଞ୍ଚାୟତବାସୀ କଟକ-ପାରାଦୀପ ରାସ୍ତାର ଜୟପୁରଛକଠାରେ ୩ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ରାସ୍ତା ଅବରୋଧ କରି ନିଜର ପ୍ରତିବାଦ ଜଣାଇଛନ୍ତି। ବାତ୍ୟା ପରେ ପଞ୍ଚାୟତରେ ବିଦ୍ୟୁତ୍ ବ୍ୟବସ୍ଥାରେ ସୁଧାର ପାଇଁ ସାମାନ୍ୟତମ କାର୍ଯ୍ୟ କରା ନ ଯିବା, ପଞ୍ଚାୟତବାସୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବାରମ୍ବାର ବିଭାଗୀୟ ଯନ୍ତ୍ରୀ ଏସ୍‌ଡିଓଙ୍କୁ ଜଣାଇବା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ଶୁକ୍ରବାର ରାତିରେ ପଞ୍ଚାୟତବାସୀ ନିଜ ଉଦ୍ୟମରେ ଅଫିସରୁ ଖୁଣ୍ଟ ଆଣି ପକାଇଥିଲେ। ହେଲେ ସେସୁ ବିଭାଗର କୌଣସି କର୍ମଚାରୀଙ୍କ ଦେଖା ନ ମିଳିବାରୁ ଶନିବାର ଭୋର୍ ସାଢେ ୬ଟାରୁ ଲୋକେ ରାଜରାସ୍ତାର ଜଇପର ଛକ, ଜଇପୁର ହାଟ ଓ ଜଗତ୍‌ସିଂହପୁର ରୋଡ଼ରେ ଗଛ ପକାଇ ରାସ୍ତା ଉପରେ ବସି ରହିଥିଲେ। ଫଳରେ ଜଇପୁର ଛକ ବିପରୀତ ଦିଗକୁ ୨ କିମି ବ୍ୟବଧାନ ମଧ୍ୟରେ ଯାନବାହନ ଅଟକି ରହିଥିଲା। କେବଳ ଆମ୍ବୁଲାନ୍ସ ଓ ଗୁରୁତର ରୋଗୀଙ୍କ ଛାଡ଼ି ଦେଲେ ଅନ୍ୟ କାହାକୁ ଛଡ଼ାଯାଉ ନ ଥିଲା। ସେମାନଙ୍କ ଅଭିଯୋଗ ଥିଲା ଯେ ବିଦ୍ୟୁତ୍ ବ୍ୟବସ୍ଥାରେ ଅତ୍ୟଧିକ କ୍ଷତି ହୋଇ ନ ଥିବା ଛପଡ଼ା ଅଞ୍ଚଳ ପ୍ରତି ବିଭାଗୀୟ ଅଧିକାରୀ ଅଣଦେଖା କରୁଛନ୍ତି। ବିଭୂତି କ୍ଷେତ୍ର ପ୍ରଭୁ ଗୋରଖନାଥ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଥିବା ଏବଂ ଦୈନିକ ହଜାର ହଜାର ଶ୍ରଦ୍ଧାଳୁ ପୀଠକୁ ଆଗମନ ହେଉଛି। ଏତେବଡ଼ ଯାଜ୍ଞିକ କାର୍ଯ୍ୟକ୍ରମ ଚାଲିଥିବାବେଳେ, ବିଜୁଳି ନ ଥିବାରୁ ପୀଠକୁ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ଅସହ୍ୟ ଗ୍ରୀଷ୍ମ ପ୍ରବାହରେ ପଞ୍ଚାୟତବାସୀ ବିଜୁଳି ବିନା ଦୁର୍ବିଷହ ଜୀବନ ବିତାଉଛନ୍ତି। ଏହାକୁ ଭିତ୍ତି କରି ଦୁଇଶହରୁ ଉର୍ଦ୍ଧ୍ୱ ଜନତା ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ନ ହେବା ପର୍ଯ୍ୟନ୍ତ ରାସ୍ତା ଉପରୁ ହଟିବେ ନାହିଁ ବୋଲି ଜିଦ୍ ଧରିଥିଲେ। ତିର୍ତ୍ତୋଲ ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଲୋକମାନେ ତାଙ୍କ କଥା ଶୁଣି ନ ଥିଲେ। ଶେଷରେ ଏସ୍‌ଡିଓ ନୟନ ରଞ୍ଜନ ରାଉତ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟ କରିବାକୁ ଲୋକଙ୍କୁ ନିୟୋଜିତ କରିବା ସହ ଆସନ୍ତା ସୋମବାର ସୁଦ୍ଧା ଛପଡ଼ା ପଞ୍ଚାୟତରେ ବିଜୁଳି ଆଲୁଅ ଜଳିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଦିଲୀପ କୁମାର ସ୍ୱାଇଁ, ଆଇନଜୀବୀ ଗିରିଜା ପ୍ରସନ୍ନ ଦାଶ, ଜୀବନ ବଲ୍ଲଭ ମହାନ୍ତି, ରଞ୍ଜନ କୁମାର ସ୍ୱାଇଁ, ତପନ ସାମଲ, ମାନସ ଦାସ ଓ ଅନ୍ତର୍ଯ୍ୟାମୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

■ ବାତ୍ୟା ଯିବାର ୮ ଦିନ ପରେ ବି ସୁଧାର ଆସୁନାହିଁ
■ ଯନ୍ତ୍ରୀ ଏସ୍‌ଡିଓଙ୍କୁ ଜଣାଇବା ପରେ ମଧ୍ୟ କାମ ହୋଇ ନ ଥିଲା

■ ଶ୍ୟାମସୁନ୍ଦରପୁର ନୋଡାଲ ହାଇସ୍କୁଲରେ ଅବ୍ୟବସ୍ଥା

# ୬୫୦ ଛାତ୍ରୀଛାତ୍ରଙ୍କୁ ୮ ଶିକ୍ଷକ

**ଧର୍ମଶାଳା,୧୧।୫(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ମିର୍ଜାପୁରସ୍ଥିତ ଶ୍ୟାମସୁନ୍ଦର ନୋଡାଲ ହାଇସ୍କୁଲରେ ଶିକ୍ଷକ ଅଭାବ ଯୋଗୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ସମସ୍ତ ଭିତ୍ତିଭୂମି ଥାଇ ମଧ୍ୟ ଶିକ୍ଷକ ଅଭାବରୁ ବିଦ୍ୟାଳୟରେ ନାହିଁ ନାହିଁରେ ପାଠପଢା ଚାଲିଛି। ୧୯୫୮ରେ ସ୍କୁଲଟି ପ୍ରଥମେ ଏକ ଚାଳଘରେ ଆରମ୍ଭ ହୋଇ ପରେ ଆଜବେଷ୍ଟସ ଛପର କରାଯାଇଥିଲା। ୧୯୯୯ ବାତ୍ୟାରେ ଘର ଭାଙ୍ଗିଯିବା ପରେ ସରକାରୀ ଅନୁଦାନରେ ଏକ କୋଠା ଘର ନିର୍ମାଣ କରାଯାଇଛି। ୨୦୧୮ରେ ସ୍କୁଲ ପରିସରରେ ମଧ୍ୟରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହାଇସ୍କୁଲରେ ମିଶି ନୋଡାଲ ହାଇସ୍କୁଲରେ ପରିଣତ ହୋଇଛି। ୬୫୦ ଛାତ୍ରୀଛାତ୍ର ସ୍କୁଲରେ ପାଠ ପଢୁଥିବା ବେଳେ ଏଠାରେ ଆବଶ୍ୟକ ୧୮ଜଣ ଶିକ୍ଷକଙ୍କ ମଧ୍ୟରୁ ମାତ୍ର ୮ଜଣ ଶିକ୍ଷକ ପାଠ ପଢାଉଛନ୍ତି। ଅନ୍ୟ ପକ୍ଷରେ ୨୦୧୦ ପରଠାରୁ ଏଯାବତ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ନ ଥିବା ବେଳେ ଏବେ ସଂସ୍କୃତ ଶିକ୍ଷକ, ଖେଳ ଶିକ୍ଷକ, ବିଜ୍ଞାନ ଶିକ୍ଷକ, ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଶିକ୍ଷକ ଓ କିରାଣି ପଦବୀ ଖାଲିପଡଛି। ବିଜ୍ଞାନ ଉପକରଣ ସୀମିତ ଥିବା ବେଳେ ପାଠାଗାର କି ଖେଳ ପଡିଆ ନାହିଁ। ଏଭଳି ସମସ୍ୟା ଲାଗି ରହିଥିବାବେଳେ ନିକଟରେ ସ୍କୁଲର ପ୍ଲାଟିନମ୍ ଜୁବିଲି ପାଳିତ ହୋଇଯାଇଛି। ମାନ୍ୟବର ରାଜ୍ୟପାଳ ଗଣେଶୀଲାଲ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏସବୁ ସତ୍ତ୍ୱେ ହାଇସ୍କୁଲ ମାଟ୍ରିକ ପରୀକ୍ଷାରେ ଛାତ୍ରଛାତ୍ରୀ ଭଲ ପରୀକ୍ଷା ଫଳ କରୁଥିବାର ସ୍କୁଲ ରେକର୍ଡରୁ ଜଣାପଡିଛି। ଅପରପକ୍ଷେ ଚଳିତ ସାମୁଦ୍ରିକ ଝଡ ଫନୀରେ ସ୍କୁଲ ପରିସରରେ ଥିବା ସାଇକେଲଷ୍ଟାଣ୍ଡ ଓ ଗୋଟିଏ ଆଜବେଷ୍ଟସ ଘର ଭାଙ୍ଗିଯାଇଛି। ତୁରନ୍ତ ସ୍କୁଲ ନିମନ୍ତେ ଶିକ୍ଷକ ନିଯୁକ୍ତି କରିବା ସହିତ ଭାଙ୍ଗିଯାଇଥିବା ସାଇକେଲଷ୍ଟାଣ୍ଡ ଓ ଶ୍ରେଣୀଗୃହ ନିର୍ମାଣ କରିବାକୁ ଅଭିଭାବକ, ପରିଚାଳନା କମିଟି ଓ ପୁରାତନ ଛାତ୍ର ସଂସଦ ପକ୍ଷରୁ ଦାବି କରାଯାଇଛି।

# ଉଜୁଡ଼ିଛି ଧାନ, ପରିବା ଚାଷ


ମାରୁଟିକର ଗାଁରେ ଟାଇଚିନ ଧାଇ ଫସଲ ନଷ୍ଟ ହୋଇଯାଇଛି।

**କଳିଙ୍ଗନଗର,୧୧।୫(ଡି.ଏନ୍.ଏ.)**

ଦାନଗଦୀ ବ୍ଲକର ବିଭିନ୍ନ ପଞ୍ଚାୟତରେ ଫନୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବ୍ଲକର ୩ ଟି ଆରଆଇ ସର୍କଲ ମାଣତୀରା, ଗୋବର୍ଦ୍ଧନପୁର, ଦାନଗଦୀରେ ମୋଟ ୨୪୩ ଚାଳଛପର ଘର ଭାଙ୍ଗିଥିବା ଦାନଗଦୀ ତହସିଲଦାର ବୁଲ୍‌ବୁଲ୍ ବେହେରା କହିଛନ୍ତି। କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରଙ୍କ ତରଫରୁ ପଲିଥିନ୍ ଯୋଗାଇ ଦିଆଯାଇଛି। ବ୍ଲକରେ ରିଲିଫ କାର୍ଯ୍ୟକୁ ମଧ୍ୟ ତ୍ୱରାନ୍ୱିତ କରାଯାଇ ୩ ଦିନ ପାଇଁ ପ୍ରତ୍ୟେକ ପରିବାର ଲୋକଙ୍କୁ ମୁଣ୍ଡ ପିଛା ୧ କିଲୋ ଓ ଛୋଟ ପିଲାଙ୍କ ପାଇଁ ୫୦୦ ଗ୍ରାମ ଚାଉଳ ଯୋଗାଇ ଦିଆଯାଇଥିବା ବିଡିଓ ମଣିପ୍ରସାଦ ମିଶ୍ର କହିଛନ୍ତି। ବ୍ଲକର କୁମ୍ଭୀରଗାଡିଆ, ଖପୁରିଆପଦା, ରଣାଗୁଣ୍ଡି, ନଡିଆଭଙ୍ଗା, ଓଲଳ, ଧୂଳିଗଡ, ଓସ୍ତପାଳ, କିଆଝର ଆଦି ପଞ୍ଚାୟତରେ ଧାନ ସମେତ ବାଇଗଣ, ଲଙ୍କା, ପୋଟଳ, ଟମାଟୋ,ଭେଣ୍ଡି, ଜହ୍ନି, କାକୁଡି ଆଦି ପନିପରିବା ଚାଷ ଉଜୁଡି ଯାଇଛି। କୁମ୍ଭୀରଗାଡିଆ ପଞ୍ଚାୟତ ମାରୁଟିକର ଗ୍ରାମରେ ଫନୀର ପ୍ରଭାବରେ ୨ ଶହ ଏକରରୁ ଉର୍ଦ୍ଧ୍ୱ ଟାଇଚିନ ଧାନ ଚାଷ ଓ ପନିପରିବା ଉଜୁଡି ଯାଇଛି। ବାତ୍ୟାର ୬ ଦିନ ପରେ ବି ରିଲିଫ ସହାୟତା କିମ୍ବା ପଲିଥିନ ଖଣ୍ଡେ ଲୋକେ ପାଇ ପାରି ନ ଥିବା ଅଭିଯୋଗ କରିଛନ୍ତି। ସେହିପରି ବ୍ଲକର ନଡିଆଭଙ୍ଗା ପଞ୍ଚାୟତରେ ୩୧ ଏକର ଟାଇଚିନ୍ ଧାନ ଚାଷ ସମ୍ପୂର୍ଣ୍ଣ ଭାବେ ଉଜୁଡିଯାଇଥିବାବେଳେ ରଣାଗୁଣ୍ଡି ପଞ୍ଚାୟତର ୫ ଏକର ବାଇଗଣ ଓ ଲଙ୍କା ଚାଷ ନଷ୍ଟ ହୋଇଛି। ଓସ୍ତପାଳ ପଞ୍ଚାୟତ ମାନତିରୀ, ନିପାଣିଆ, ହରିକଁଶ ଆଦି ଗ୍ରାମରେ ବ୍ୟାପକ ବାଇଗଣ ଚାଷ ମଧ୍ୟ ନଷ୍ଟ ହୋଇଛି। ବାଙ୍ଗରକୋଟା ପଞ୍ଚାୟତ ଗୋଉଡବାହାଳି, କରଡାପାଳ, ବାଙ୍ଗରକୋଟା ଆଦି ଗ୍ରାମରେ ବାଇଗଣ ଓ ଲଙ୍କା ଚାଷ ସବୁ ଉଜୁଡିଯାଇଛି। ବ୍ଲକ ଓ ତହସିଲ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ ପାଇଁ ଉଦ୍ୟମ ଆରମ୍ଭ କରାଯାଉଥିବା ଜଣାପଡିଛି।

### ଶ୍ରୀରାମ ସଚେତନତା ଶୋଭାଯାତ୍ରା

**ବରୀ, ୧୧।୫(ସ୍ୱ.ପ୍ର.)**

ଯାଜପୁର ମ୍ୟୁନିସିପାଲିଟି ଅନ୍ତର୍ଗତ ବରାହ ମନ୍ଦିରଠାରୁ ଶନିବାର ଶ୍ରୀରାମ ସଚେତନତା ଶୋଭାଯାତ୍ରା ଆରମ୍ଭ ହୋଇଛି। ଏହି ଶୋଭାଯାତ୍ରାରେ ପୂର୍ବତନ ଯାଜପୁର ମ୍ୟୁନିସିପାଲିଟି ନଗରପାଳ ଭବ ପ୍ରସାଦ ଦାସ ଶୁଭ ଉଦ୍‌ଘାଟନ କରିଥିଲେ। ଶ୍ରୀରାମ ସେବା ସଙ୍ଘ ସଭାପତି ମୃତ୍ୟୁଞ୍ଜୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ବିରାଟ ପଟୁଆରରେ ୧ ହଜାରରୁ ଉର୍ଦ୍ଧ୍ୱ ଯୁବକ ବାଇକ୍ ରାଲିରେ ନଗର ପରିକ୍ରମା କରିଥିଲେ। ପୂର୍ବାହ୍ନ ୧୦ଟାରେ ବରାହ ମନ୍ଦିର ପରିସରରୁ ଶୋଭାଯାତ୍ରା ବାହାରି ଗାନ୍ଧୀଛକ, ମେଡିକାଲ ରୋଡ଼, ଗରିଆପୁର ଦେଇ ଯୋଡ଼ିକୂଅ, କୁଆଁସରପୁର ଛକ ଦେଇ ତ୍ରିଲୋଚନ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲା। ସମଗ୍ର ଯୁବ ସମାଜକୁ ଆଧାତ୍ମିକତା ସହ ଯୋଡ଼ିବା ଏବଂ ନଗ୍ନ ଆଧୁନିକତାଠାରୁ ଦୂରେଇ ରଖି ନିଜକୁ ହିନ୍ଦୁତ୍ୱ ସହ ବାନ୍ଧି ରଖିବା ଏହି ଶୋଭାଯାତ୍ରାର ମୂଳ ଲକ୍ଷ୍ୟ। ଅନ୍ୟମାନଙ୍କ ମଧ୍ୟରେ ବିରଜା ପୂଜକ ମଣ୍ଡଳୀର ସଭାପତି ଦେବୀ ପ୍ରସାଦ ପାଣି, ଉପସଭାପତି ଲିପୁନ୍ ପାତ୍ର, ସମ୍ପାଦକ ସୁନୀଲ ମହାନ୍ତି, ସହସମ୍ପାଦକ ରଞ୍ଜନ କୁମାର ମହାନ୍ତି, ଚିତ୍ତରଞ୍ଜନ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାତ୍ୟାରେ ଶିକ୍ଷାନୁଷ୍ଠାନ କ୍ଷତିଗ୍ରସ୍ତ, ମରାମତି ଦାବି


ଶ୍ରେଣୀଗୃହର ଆଜବେଷ୍ଟସ ଉଡ଼ିଯାଇଛି।

**ଯାଜପୁର ଟାଉନ, ୧୧।୫(ଡି.ଏନ୍.ଏ.)**

ଯାଜପୁର ଅନ୍ତର୍ଗତ ବହୁ ପୁରାତନ ବେରୁଦାସ୍ଥିତ ବରଦାଇ ନୋଡାଲ ହାଇସ୍କୁଲ ଫନୀ ବାତ୍ୟାରେ ଭାଙ୍ଗି ଯାଇଛି। ଏହା ପରିସରରେ ପ୍ରାଥମିକ, ମଧ୍ୟ ଇଂରାଜୀ ବିଦ୍ୟାଳୟ ଏବଂ ଉଚ୍ଚ ବିଦ୍ୟାଳୟ ରହିଛି। ବରଦାଇ ହାଇସ୍କୁଲର ୩ଟି ଶ୍ରେଣୀଗୃହ ଆଜବେଷ୍ଟସ ସମ୍ପୂର୍ଣ୍ଣ ଭାବେ ଉଡିଯିବା ସହିତ ଘରର କାନ୍ଥ ମଧ୍ୟ ଭାଙ୍ଗି ପଡିଛି। ୧୯୬୨ରେ ଉକ୍ତ ଶିକ୍ଷାନୁଷ୍ଠାନଟି ପ୍ରତିଷ୍ଠା ହୋଇଥିଲା। ବେରୁଦା ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ପ୍ରାୟ ୩୦୦ ଛାତ୍ରୀଛାତ୍ର ଏଠାରେ ଶିକ୍ଷା ଗ୍ରହଣ କରନ୍ତି। ଶ୍ରେଣୀଗୃହ ଭାଙ୍ଗିଯିବା ଯୋଗୁ ସ୍କୁଲ ଖୋଲିବା ପରେ ପିଲାଙ୍କ ପାଠପଢା ନିଶ୍ଚିତ ବ୍ୟାହତ ହେବ। ସେହିପରି ଯାଜପୁର ବ୍ଲକର ସାନସୁଆର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚଣ୍ଡୀମାତା ହାଇସ୍କୁଲ ଏକ ଅଗ୍ରଣୀ ବିଦ୍ୟାଳୟ। ବାତ୍ୟାରେ ଏହି ବିଦ୍ୟାଳୟ ଗୃହ ଭାଙ୍ଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହାର ଆଜବେଷ୍ଟସ୍ ଓ ଟିଣ ସିଟ୍‌ଗୁଡିକ ଉଡ଼ିଯିବା ସହିତ କାନ୍ଥ ମଧ୍ୟ ଫାଟି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏପରି ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟାଳୟର ଅଫିସ୍ କାର୍ଯ୍ୟ କରିବା ମଧ୍ୟ ସମ୍ଭବପର ହେଉ ନାହିଁ। ଏପରିସ୍ଥଳେ ଆଗାମୀ ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ନୂତନ ଗୃହ ନିର୍ମାଣ ବା ମରାମତି କରିବା ପାଇଁ ଜନସାଧାରଣଙ୍କ ପକ୍ଷରୁ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଛି।

# ଶନିଶ୍ଚର ମନ୍ଦିରରେ ଜଳାଭିଷେକ

**ତିର୍ତ୍ତୋଲ,୧୧।୫(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଅଞ୍ଚଳର ବିଭିନ୍ନ ଶନିଶ୍ଚର ପୀଠରେ ଶ୍ରଦ୍ଧାଳୁମାନେ ଜଳାଭିଷେକ କରିବା ସହ ଗ୍ରହରାଜ ଶନିଶ୍ଚରଙ୍କୁ ପୂଜାର୍ଚ୍ଚନା କରିଛନ୍ତି। ଏହି ବ୍ଲକ ଅନ୍ତର୍ଗତ ଇଡ୍ରିସିଂସ୍ଥିତ ଶନିଶ୍ଚର ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁ ଜଳାଭିଷେକ କରିଥିଲେ। ପ୍ରାତଃରୁ ଧାଡ଼ିରେ ଆସି ଶ୍ରଦ୍ଧାଳୁମାନେ ପୁଷ୍କରିଣୀରୁ ଜଳ ଉଠାଇ ମନ୍ଦିରରେ ଜଳଲାଗି କରିଥିଲେ। ମନ୍ଦିର କମିଟି ତରଫରୁ ପ୍ରଦୀପ୍ତ ନାୟକ, କୈଳାସ ଦାସ, ରବୀନ୍ଦ୍ର ପରିଡ଼ା, ହରେକୃଷ୍ଣ ନାୟକ, ସଂଗ୍ରାମ ସ୍ୱାଇଁ, ବୈରାଗୀ ଦାସ, ରଞ୍ଜନ ଦାସ, ବିକ୍ରମ ଦାସ, ସମ୍ପିତ ଭୋଇ, ମାନସ ନାୟକ, ପଦ୍ମନାଭ ଦାସ, ଗୌତମ ଦାସ, ସଞ୍ଜୟ ସୂତାର, ଦେବୀଦତ୍ତ ପରିଡା ପ୍ରମୁଖ ଏହି କାର୍ଯ୍ୟ ସମ୍ପାଦନରେ ସହାୟତା କରିଥିଲେ।

# ମା' ଶୀତଳାଚଣ୍ଡୀଙ୍କ ୫୨ତମ ବାର୍ଷିକ ପୂଜା ଆରମ୍ଭ

**ମହାକାଳପଡା, ୧୧।୫ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ଅଧୀନ ସ୍ଥାନୀୟ ରାମନଗରସ୍ଥିତ ମା ରାମଚଣ୍ଡୀ ପୀଠ ନିକଟରେ ୫୨ ତମ ବାର୍ଷିକ ମା'ଶୀତଳା ଚଣ୍ଡୀଙ୍କ ପୂଜା ଶନିବାରଠାରୁ ଆରମ୍ଭ ହୋଇଛି। ରାମଚଣ୍ଡୀସ୍ଥିତ ପଶ୍ଚିମପଡା ଗ୍ରାମ ତରଫରୁ ଆୟୋଜିତ ଏହି ପୂଜା ୩ଦିନ ଧରି ଅନୁଷ୍ଠିତ ହେବ। ଏହି ପୂଜା କଲେ ୬୪ ପ୍ରକାର ରୋଗ ଭଲ ହୁଏ ବୋଲି ସ୍ଥାନୀୟ ଅଞ୍ଚଳର ବଙ୍ଗଳା ଭାଷୀ ଲୋକଙ୍କ କବିଶ୍ୱାସ ରହିଛି। ବିଶେଷ କରି ହାଡଫୁଟି, ମିଳିମିଳା, ବସନ୍ତ ଆଦି ରୋଗରୁ ମୁକ୍ତ ମିଳିଥାଏ ବୋଲି ସେମାନେ କହନ୍ତି। ପୂଜା ପାଇଁ ମା'ଙ୍କ ନିକଟରେ ମାନସିକକାରୀମାନେ ମୁଖ୍ୟତଃ ଚିନିର ପ୍ରସ୍ତୁତ ବାତସା ଭୋଗ, ନଡିଆ ଓ ଅନ୍ୟାନ୍ୟ ଫଳମୂଳ ଭୋଗ ଲାଗି କରୁଛନ୍ତି। ମାଙ୍କ ପୂଜା ମଣ୍ଡପରେ ପ୍ରତ୍ୟେକ ସନ୍ଧ୍ୟାରେ ଭଜନ ସଂକୀର୍ତ୍ତନ, ଓ ପ୍ରବଚନ ଲାଗି ଆୟୋଜନ କରାଯାଇଛି। ଗ୍ରାମର ଯୁବକ ସଂଘ ସମେତ ମୁଖ୍ୟ ମୁରବୀ ବରେନ ବେରା, ପାତନ ବେରା, ମଧୁ ବେରା, ଭୀମ ମାଇତି ଓ ଅଜୟ ଆଦି ପ୍ରମୁଖ ପୂଜାରେ ସହଯୋଗ କରୁଛନ୍ତି।


ମା'ଶୀତଳା ଚଣ୍ଡୀଙ୍କ ମୃଣ୍ମୟୀ ମୂର୍ତ୍ତି ମଣ୍ଡପରେ ପୂଜା ପାଉଛି।

■ ଖଣିରେ ସୁରକ୍ଷା ନିୟମକୁ ବେଖାତିର

# ଖରାରେ ଖଟୁଛନ୍ତି ଶ୍ରମିକ

**ପ୍ରତିବାଦ କଲେ ଛଟେଇ ଧମକ**


ଶ୍ରମିକମାନେ କାମରେ ଲାଗିଛନ୍ତି।

**କାଳିଆପାଣି,୧୧।୫(ଡି.ଏନ୍.ଏ.)**

ସୁକିନ୍ଦା କ୍ରୋମାଇଟ ଖଣି ଅଞ୍ଚଳରେ କାର୍ଯ୍ୟରତ ଟାଟା ଓ ଓଡ଼ିଶା ଖଣି ନିଗମ କମ୍ପାନୀ ସରକାରୀ ନିର୍ଦ୍ଦେଶକୁ ବେଖାତିର କରୁଥିବା ଅଭିଯୋଗ ହୋଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱ ଖଣିରେ ଖରାରେ ଶ୍ରମିକଙ୍କୁ ଦିନ ତମାମ କାମ କରିବାକୁ ବାଧ କରାଯାଉଛି। ଏହାର ବିରୋଧ କଲେ ଶ୍ରମିକଙ୍କୁ କାମରୁ ଛଟେଇ କରିବାକୁ ଧମକ ଦିଆଯାଉଥିବା ବହୁ ଶ୍ରମିକ ଅଭିଯୋଗ କରିଛନ୍ତି। ଖଣି ଅଞ୍ଚଳରେ ଦୁର୍ଘଟଣାଶୂନ୍ୟ କରିବାକୁ ଏବେ ବର୍ଷକୁ ୨ ଥର ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ହେଲେ ପ୍ରବଳ ଖରାରେ ଖଣିରେ ଶ୍ରମିକଙ୍କୁ କାମ କରାଇବା ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଅଧିକ ରହୁଥିବାରୁ ସରକାରଙ୍କ ପକ୍ଷରୁ ସକାଳ ୫ଟାରୁ ଦିନ ୧୧ଟା ଏବଂ ଅପରାହ୍ନ ୩ରୁ ରାତ୍ରି ୧୧ଟା ପର୍ଯ୍ୟନ୍ତ କାମ କରିବାକୁ ନିର୍ଦ୍ଦେଶ ନାମା ଜାରି କରାଯାଇଛି। ଏଥିସହ ଏହାକୁ ଅବହେଳା କରୁଥିବା କମ୍ପାନୀ ଓ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାରୀ ନିର୍ଦ୍ଦେଶ ରହିଛି। ଏପ୍ରିଲ ମାସ ପହିଲାରୁ ଏହି ନିୟମ ଲାଗୁ କରାଯାଇଥିବା ଜଣାପଡିଛି। ଟାଟା କମ୍ପାନୀ ସୁକିନ୍ଦା ଖଣିରେ କ୍ରୋମାଇଟ ଉତ୍ତୋଳନ କାର୍ଯ୍ୟରେ ନିୟୋଜିତ ଅଟୋୱାଲ ପ୍ରାଇଭେଟ ଲିମିଟେଡ ଓ ନାରାୟଣୀ ପ୍ରାଇଭେଟ ଲିମିଟେଡ୍ କମ୍ପାନୀ ଶ୍ରମିକଙ୍କୁ ଦିନ ତମାମ ଉତ୍ତୋଳନ କାର୍ଯ୍ୟରେ ନିୟୋଜିତ କରୁଛନ୍ତି। କର୍ମଚାରୀ ଏହାକୁ ବିରୋଧ କରିଥିବାବେଳେ ସେମାନଙ୍କୁ କାମରୁ ବାହାର କରାଯାଉଛି। ଫଳରେ କର୍ମଚାରୀମାନେ ଖରାରେ ଦିନ ତମାମ କାମ କରିବାକୁ ବାଧ ହେଉଛନ୍ତି। ସେହିପରି ଓଡ଼ିଶା ଖଣି ନିଗମ ପରିଚାଳିତ ଦକ୍ଷିଣ କାଳିଆପାଣି ଖଣିରେ ପ୍ରମୁଖ କ୍ରୋମାଇଟ ଉତ୍ତୋଳନ ଠିକାଦାର ବିଜିଆର ପ୍ରାଇଭେଟ ନିଜ କମ୍ପାନୀ ସହ ଆସିଥିବା ଆନ୍ଧ୍ର ଅଞ୍ଚଳ ୩୦୦ କର୍ମଚାରୀଙ୍କୁ ମଧ୍ୟ ଖରାରେ କାମ କରିବାକୁ ବାଧ କରୁଛି। ଏହାର ବିରୋଧ କଲେ କାର୍ଯ୍ୟ ହରାଇବାକୁ ପଡ଼ିଥିବା ବହୁ ଶ୍ରମିକ ନାମ ଗୋପନ କରି କହିଛନ୍ତି। ସ୍ଥାନୀୟ ଅଞ୍ଚଳର ବୃହତ ଶ୍ରମିକ ସଂଗଠନ କହୁଥିବା ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ମଧ୍ୟ କର୍ମଚାରୀଙ୍କ ଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ କରୁ ନ ଥିବା କର୍ମଚାରୀ ଅଭିଯୋଗ କରିଛନ୍ତି। ଏ ନେଇ ଓଡ଼ିଶା ଖଣି ନିଗମ ଦକ୍ଷିଣ କାଳିଆପାଣି ଖଣି ନିଗମ ପରିଚାଳକ ଅବନୀକାନ୍ତ ପ୍ରଧାନଙ୍କୁ ପଚାରିବାରୁ ଖଣିରେ ସରକାରୀ ନିୟମକୁ ଠିକ ଭାବେ ପାଳନ କରାଯାଉଛି। ଯଦି କୌଣସି ଠିକାଦାର ନିୟମ ପାଳନ କରୁନାହାନ୍ତି। ତେବେ ତୁରନ୍ତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଟାଟା କମ୍ପାନୀ ପ୍ରଶାସନିକ ଅଧିକାରୀ ଗୌତମ ଚକ୍ରବର୍ତ୍ତୀଙ୍କୁ ଯୋଗାଯୋଗ କରିବାରୁ, ଖଣିରେ ବାହ୍ୟ ଉତ୍ତୋଳନ କାର୍ଯ୍ୟ ବନ୍ଦ ରହିଛି। ଅବଶିଷ୍ଟ କାମଗୁଡିକ ଏସି ଗାଡି ବ୍ୟବହାର କରାଯାଇ କାମ କରାଯାଉଥିବା କହିଛନ୍ତି। ଯାଜପୁର ଜିଲା ଶ୍ରମ ବିଭାଗ ସହକାରୀ ଅଧିକାରୀ ଶିବ ଶଙ୍କର ମିଶ୍ର, ଯଦି କୌଣସି ଠିକାଦାର ବେନିୟମ କାର୍ଯ୍ୟ କରଥିଲେ ତୁରନ୍ତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ମେ ୧୨/୨୦୧୯ Bhubaneswar, Sunday, May 12/2019

### ମହିଳା ରାଜସ୍ୱ ନିରୀକ୍ଷକଙ୍କୁ ମାଡ଼ ଘଟଣା

# ଜଣେ କୋର୍ଟ ଚାଲାଣ, ଅନ୍ୟ ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ

ବିଞ୍ଝାରପୁର,୧୧।୫ (ଡି.ଏନ.ଏ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଉତ୍ତରକୁଳ ପଞ୍ଚାୟତକୁ ପ୍ରୀତିପୁର ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ସର୍କଲର ଆର୍‌ଆଇ ଓ କର୍ମଚାରୀ ଫନୀ ବାତ୍ୟା କ୍ଷୟକ୍ଷତି ଆକଳନ ତଦନ୍ତ କରିବାକୁ ଯାଇଥିବାବେଳେ ମାଡ଼ ଖାଇବା ଘଟଣାରେ ବିଞ୍ଝାରପୁର ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଉତ୍ତରକୂଳ ପଞ୍ଚାୟତ ଅଧୀନ କୁଆଁରପୁର ଗ୍ରାମର ଅଚ୍ୟୁତ ପ୍ରଧାନ। ଅଚ୍ୟୁତଙ୍କୁ ପୋଲିସ ଶନିବାର ଆଇପିସି ଦଫା ୨୯୪/ ୩୫୪/୩୪୧/ ୩୪୨/୩୫୩/ ୩୩୨/ ୫୦୬/୩୪ ଓ ଏସ୍‌ସିଏସଟି ଆକ୍ଟର ଦଫା ୩ରେ କୋର୍ଟଚାଲାଣ କରିଛି। ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଧରାଯିବ ବୋଲି ଥାନାଧିକାରୀ ଶିବ ଚରଣ ବେହେରା ସୁଚନା ଦେଇଛନ୍ତି। ଶନିବାର ଅପରାହ୍ନରେ ଏସ୍‌ଡିପିଓ ରବୀନ୍ଦ୍ର କୁମାର ଜେନା ପାଇକପଡ଼ା ଗ୍ରାମକୁ ଯାଇ ଘଟଣାର ତଦନ୍ତ କରି ଫେରିଛନ୍ତି। ସୂଚନା ଅନୁଯାୟୀ ଫନୀ ବାତ୍ୟାର କ୍ଷୟକ୍ଷତି ଆକଳନ ପାଇଁ ପ୍ରୀତିପୁର ଆର୍‌ଆଇ ଅନୀତା ସମାଡ ଓ ତାଙ୍କ ଅଧସ୍ଥନ କର୍ମଚାରୀ ପ୍ରମୋଦ ନାଥଶର୍ମା ବୁଧବାର ବିଞ୍ଝାରପୁର ତହସିଲ ଅନ୍ତର୍ଗତ ଉତ୍ତରକୂଳ ପଞ୍ଚାୟତର ପାଇକପଡ଼ା ଯାଇଥିଲେ । ଆର୍‌ଆଇ ତାଙ୍କ କର୍ମଚାରୀଙ୍କୁ ଦେଖି ଗ୍ରାମବାସୀ ହଠାତ ଉତ୍ତ୍ୟକ୍ତ ହୋଇ ଆରଆଇ ଅନୀତାଙ୍କ ସ୍କୁଟି ଚାବି ଛଡ଼ାଇ ନେଇ ଟଣା ଓଟରା କରିଥିଲେ। ଏହାର ପ୍ରତିବାଦ କରିବାରୁ ଆରଆଇଙ୍କୁ ମାଡ଼ ମାରିବା ସହ ତାଙ୍କ ସହିତ ଯାଇଥିବା ପ୍ରମୋଦଙ୍କୁ ଗଛରେ ବାନ୍ଧି ଗଛରେ ବାନ୍ଧି ମାଡ଼ ମାରିଥିଲେ। ଗତ ତିତିଲି ବାତ୍ୟା ସମୟରେ ଆରଆଇ ଓ ତାଙ୍କ କର୍ମଚାରୀମାନେ ଆସି ତଦନ୍ତ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସହାୟତା ମିଳି ନାହିଁ। ଏବେ ପୁଣି ଥରେ ଆସି ତଦନ୍ତ କରି ଗ୍ରାମବାସୀଙ୍କ ନାମରେ ପଇସା ଖାଇବାକୁ ଆସିଛ ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ୪ଘଣ୍ଟା କାଳ ବନ୍ଧା ହେବା ପରେ ଖବରପାଇ ସ୍ଥାନୀୟ ଅଳକୁଣ୍ଡ ଫାଣ୍ଡି ଅଧିକାରୀ ଗଣେଶ ଚନ୍ଦ୍ର ଘଡାଇଙ୍କ ହସ୍ତକ୍ଷେପ ଫଳରେ ଏହି ମହିଳା ଆର୍‌ଆଇ ଓ ତାଙ୍କ କର୍ମଚାରୀ ମୁକ୍ତି ପାଇଥିଲେ । ଏହି ଘଟଣା ସମ୍ପର୍କରେ ସମ୍ପୃକ୍ତ ରାଜସ୍ୱ ନୀରିକ୍ଷୀକା ଓ ତାଙ୍କ କର୍ମଚାରୀ ବିଞ୍ଝାରପୁର ତହସିଲଦାର ମୀନତୀ ଜଗଦ୍ଦେବଙ୍କୁ ଜଣାଇଥିଲେ । ସମସ୍ତ ଖବର ଜାଣିବା ପରେ ତହସିଲଦାର ଏସମ୍ପର୍କରେ ବିଞ୍ଝାରପୁର ଥାନାରେ ଶୁକ୍ରବାର ଅପରାହ୍ନରେ ଅଭିଯୋଗ କରିଥିଲେ । ବିଞ୍ଝାରପୁର ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ. ୯୮/୧୯) ରୁଜୁ କରି ତଦନ୍ତ ଆରମ୍ଭ କରି ବିଳମ୍ବିତ ରାତିରେ ଅଚ୍ୟୁତଙ୍କୁ ଗିରଫ କରିଥିଲା।


ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଉଛି।

## ଅଂଶୁଘାତରେ ଚାଷୀଙ୍କ ମୃତ୍ୟୁ ଅଭିଯୋଗ

କୋରେଇ,୧୧।୫(ସ୍ୱ.ପ୍ର.)

କୋରେଇ ବ୍ଲକ ଅନ୍ତର୍ଗତ ତାରାକୋଟ ପଞ୍ଚାୟତର ତାରାକୋଟ (ଗଉଡସାହି)ର ଚାଷୀ ବିଜୟ ପରିଡା (୫୪)ଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ କୋରେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫/୧୯) ରୁଜୁ ହେବା ସହ ପଞ୍ଚନାମା କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ଦାନଗଦି ଡାକ୍ତରଖାନାକୁ ପଠାଯାଇଥିବା ତଦନ୍ତ ଅଧିକାରୀ ଏଏସଆଇ ସଲିଳ କୁମାର ମଲ୍ଲିକ କହିଛନ୍ତି। ପ୍ରକାଶ ଯେ, ବିଜୟ ଶୁକ୍ରବାର ବିଲକୁ ଖତ ବୋହୁଥିଲେ। ୩ଟା ବେଳେ ଘରୁ ଖତ ନେଇ ବିଲକୁ ଯାଇଥିବାବେଳେ ଆଉ ଫେରି ନ ଥିଲେ। ସନ୍ଧ୍ୟା ହେବାରୁ ଘରକୁ ନ ଫେରିବା ଦେଖି ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ। ବିଲରେ ପହଞ୍ଚିବାବେଳେ ବିଜୟ ସେଠାରେ ଖତ ବାଉଁଗି ସହ ପଡିଥିଲେ ଓ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ପରିବାର ପକ୍ଷରୁ କୋରେଇ ଥାନାରେ ଅଭିଯୋଗ ହୋଇଥିଲା। ମୃତ ଚାଷୀଙ୍କ ପରିବାରକୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଖଣ୍ଡାରେ ଆକ୍ରମଣ କରି ଦମ୍ପତିଙ୍କଠାରୁ ଲୁଟ

ଛତିଆ,୧୧।୫(ଡି.ଏନ୍.ଏ.)

ଯାଜପୁରରୁ ସ୍କୁଟି ଯୋଗେ ଭୁବନେଶ୍ୱର ଫେରୁଥିବା ଏକ ଦମ୍ପତି ବଡ଼ଚଣା ଥାନା ଅନ୍ତର୍ଗତ ଛତିଆ– ବନ୍ଦାଲୋ ଓଭରବ୍ରିଜ୍ ନିକଟରେ ଲୁଟ୍‌ର ଶିକାର ହୋଇଛନ୍ତି। ୨ଜଣ ଦୁର୍ବୃତ୍ତ ଦମ୍ପତିଙ୍କୁ ଖଣ୍ଡାରେ ଆକ୍ରମଣ କରି ସେମାନଙ୍କଠାରୁ ସୁନାଗହଣା ଓ ଟଙ୍କା ଲୁଟି ନେଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଭୁବନେଶ୍ୱର ଶହୀଦ ନଗରରେ ରହୁଥିବା ଅମିତାଭ ସାହୁ ଶନିବାର ଅପରାହ୍ନରେ ନିଜ ସ୍ତ୍ରୀ ତପତି ରାଣୀ ସାହୁଙ୍କ ସହ ସ୍କୁଟିରେ ଯାଜପୁରରୁ ଭୁବନେଶ୍ୱର ଅଭିମୁଖେ ଫେରୁଥିଲେ। ଚଣ୍ଡିଖୋଲ ପରଠାରୁ ଏକ ନମ୍ବର ବିହୀନ ମୋଟର ସାଇକେଲ୍‌ରେ ୨ଜଣ ଯୁବକ ସେମାନଙ୍କୁ ପିଛା କରିଥିଲେ। ଓଭରବ୍ରିଜ୍ ନିକଟରେ ଅମିତାଭଙ୍କ ଗାଡ଼ି ଅଟକାଇ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ପରେ ଅମିତାଭ ଓ ତାଙ୍କ ସ୍ତ୍ରୀ ତପତିଙ୍କ ନିକଟରୁ ସୁନା ଅଳଙ୍କାର, ଟଙ୍କା ଓ ମୋବାଇଲ ଛଡ଼ାଇ ନେଇ ଛତିଆ ଜଗନ୍ନାଥ ମନ୍ଦିର ପାର୍ଶ୍ୱଦେଇ ଚମ୍ପାପୁର ହାଟ ଆଡ଼କୁ ଚାଲିଯାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୁଟେରାଙ୍କ ପିଛା କରିଥିଲେ ସୁଦ୍ଧା କୋଣସି ପତ୍ତା ପାଇ ନ ଥିଲା। ଲୁଟେରାଙ୍କ ଆକ୍ରମଣରେ ଅମିତାଭ ଆହତ ହୋଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୨ ମେ, ୨୦୧୯



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରିପାରିବେ।
-ମଦନମୋହନ ମାଲବ୍ୟ



## ଏଇ ସପ୍ତାହର କାର୍ଯ୍ୟକ୍ରମ

■୧୨ ତାରିଖ (ରବିବାର)
ତ୍ରିନାଥ ଠାକୁରଙ୍କ ଜନ୍ମ ଉତ୍ସବ ପାଳନ, ସ୍ଥାନ- ନୂଆଗାଁ ଥାନା ପରିସର, ସମୟ - ପୂର୍ବାହ୍ନ ୧୦ଟା

■୧୩ ତାରିଖ (ସୋମବାର)
କେଏସ୍‌ବି ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ- କେଏସ୍‌ବି ବିଦ୍ୟାଳୟ ପରିସର, ଶରଣକୁଳ, ସମୟ- ସନ୍ଧ୍ୟା ୬ଟା

## ସଂକ୍ଷେପରେ

### ଅଗ୍ନିକାଣ୍ଡ: ଜଳିଗଲା ୩ ବଖରା

୩ ଗାଈ ଗୁରୁତର, ୫୦ କୁକୁଡ଼ା ମୃତ



**ବୋଲଗଡ଼,୧୧।୫(ଡି.ଏନ.ଏ.):** ବୋଲଗଡ଼ ତହସିଲ ବାଙ୍କୋଇ ଅଞ୍ଚଳର ବାରବାଟି ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଜଳିଯାଇଛି । ୩ ପରିବାରଙ୍କ ଘର ଜଳିଯିବା ସହିତ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ମୂଲ୍ୟର କାଠ ସାମଗ୍ରୀ ଓ ଆସବାବ ପତ୍ର ଭସ୍ମୀଭୂତ ହୋଇଯାଇଛି। ଏଥିରେ ୩ ଦୁଧିଆଳୀ ଗାଈ ପୋଡ଼ି ଗୁରୁତର ହୋଇଥିବାବେଳେ ୫୦ କୁକୁଡ଼ା ମରି ପଡ଼ିଛନ୍ତି। ନିଆଁରେ ପ୍ରାୟ ୫ଲକ୍ଷ ଟଙ୍କା ମୂଲ୍ୟର ସମ୍ପତ୍ତି ପୋଡ଼ି ଯାଇଥିବା ଅନୁମାନ କରାଯାଉଛି। ଅଗ୍ନି ବିପନ୍ନମାନେ ହେଲେ ଏହି ଗ୍ରାମର ସୁରେଶ ସାମନ୍ତସିଂହାର, ସୂର୍ଯ୍ୟକାନ୍ତ ସାମନ୍ତରାୟ ଓ ଶୁଭ୍ରକାନ୍ତ ସାମନ୍ତରାୟ। ଘର ଚୂଲିରୁ ନିଆଁ ଲାଗିଥିବା ସନ୍ଦେହ ହୋଇଛି।

### ବୋଲଗଡ଼ ବ୍ଲକ: ୧୯ ହଜାର ୯୨୫ ପରିବାରକୁ ରିଲିଫ୍

**ବୋଲଗଡ଼,୧୧।୫(ଡି.ଏନ.ଏ.):** ଫନୀ କ୍ଷତିଗ୍ରସ୍ତ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଞ୍ଚଳରେ ଶନିବାର ସୁଦ୍ଧା ୧୯ ହଜାର ୯୨୫ ରାଶନ କାର୍ଡଧାରୀ ପରିବାରକୁ ରିଲିଫ୍ ବଣ୍ଟନ କରାଯାଇଥିବା ସୂଚନା ମିଳିଛି। ଗୁରୁବାରଠାରୁ ସମସ୍ତ ୧୯ ପଞ୍ଚାୟତ କାର୍ଯ୍ୟାଳୟଠାରେ ରିଲିଫ୍ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରତି ରାଶନ କାର୍ଡ ହିତାଧିକାରୀ ପରିବାର ପିଛା ୫୦ କେ.ଜି. ଚାଉଳ, ପଲିଥିନ୍ ବାବଦକୁ ୫ଶହ ଟଙ୍କା ଏବଂ ୨ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ବ୍ଲକ ଅଞ୍ଚଳରେ ମୋଟ ୨୯ ହଜାର ୯୨୮ ରାଶନ କାର୍ଡଧାରୀ ପରିବାର ମଧ୍ୟରୁ ଶନିବାର ସୁଦ୍ଧା ୧୯ ହଜାର ୯୨୫ ପରିବାରକୁ ରିଲିଫ୍ ବଣ୍ଟନ କରାଯାଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଅବଶିଷ୍ଟଙ୍କୁ ୨ ଦିନ ମଧ୍ୟରେ ରିଲିଫ୍ ଯୋଗାଇ ଦିଆଯିବ ବୋଲି ବିଡିଓ ମଧୁସୂଦନ ବେହେରା ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଫନୀ ବାତ୍ୟା କାରଣରୁ ଏହି ଅଞ୍ଚଳରେ ବିଦ୍ୟୁତ୍ ସେବା, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ବ୍ୟାହତ ହୋଇଥିଲା। ଅନେକ ଘର ଭାଙ୍ଗିଯିବା ସହ ଗଛ ଉପୁଡ଼ି ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ସମ୍ପ୍ରତି କେତେଜଣ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ତେବେ ଦିନେ ଦୁଇ ଦିନ ମଧ୍ୟରୁ ସମସ୍ତ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

# ■ ଆଜି ବିଶ୍ୱ ମାତୃ ଦିବସ
# ମା’ ମୁଣ୍ଡରେ ପୁଅର ବୋଝ

**ନୟାଗଡ଼ ଅଫିସ,୧୧।୫**

ରବିବାର ବିଶ୍ୱ ମାତୃଦିବସ। ମେ ମାସର ଦ୍ୱିତୀୟ ରବିବାରକୁ ବିଶ୍ୱ ମାତୃଦିବସ ରୂପେ ପାଳନ କରାଯାଉଛି। ମା’ମାନଙ୍କ ପ୍ରତି ସନ୍ତାନ ମାନଙ୍କ ଥିବା ଭଲପାଇବା ପରଖିବା ଲାଗି ତ ସ୍ୱତନ୍ତ୍ର ଦିନଟିଏ। ଏହିଦିନରେ କିଏ ମା’ଙ୍କ ପାଇଁ ମନଲାଖି ଉପହାର ଆଣୁଥିବା ବେଳେ ଆଉ କିଏ ମା’ଙ୍କୁ ବିଭିନ୍ନ ସ୍ଥାନ ବୁଲାଇବାକୁ ନେଇଥାନ୍ତି। ସନ୍ତାନମାନଙ୍କ ମତରେ ମା’ ର ତୁଳନା ନାହିଁ। ମା’ର ମମତା ପାଖରେ ଦୁନିଆର ସବୁକିଛି ତୁଚ୍ଛ। ମା’ ନିଜେ କଷ୍ଟ ସହି ତା’ର ସନ୍ତାନ ମୁହଁରେ ହସ ଫୁଟାଇବା ପାଇଁ ଦିନ ରାତି ଏକ କରିଦିଏ। ଆଉ ସନ୍ତାନ ଯେତେବେଳେ ମା’ ମୁହଁରେ ହସ ଫୁଟାଇବା ପାଇଁ ସକ୍ଷମ ହୁଏ ସେତେବେଳେ ମା’ର ସବୁ କଷ୍ଟ ଲାଘବ ହୋଇଥାଏ। ଏପରିସ୍ଥଳେ ନୟାଗଡ଼ ଜିଲା ସଦର ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ବୋଦାପଡ଼ା ଗ୍ରାମର ମା’ ଆଶାମଣୀଙ୍କ କାହାଣୀ କିନ୍ତୁ ନିଆରା। ବର୍ଷ ବର୍ଷ ଧରି ଭେଣ୍ଡିଆ ପୁଅର ବୋଝ ମୁଣ୍ଡାଇ ଆସୁଛନ୍ତି। ପୁଅ ମାନସିକ ବିକାରଗ୍ରସ୍ତ ଥିବାରୁ ଦିନରାତି ତା’ର ସେବା କରୁଛନ୍ତି। ସେ ଭଲ ହୋଇ ସଂସାର ବୋଝ ମୁଣ୍ଡାଇବାରେ ସକ୍ଷମ ହେବ ବୋଲି ମନରେ ଖୁବ୍ ଆଶା ରଖିଛନ୍ତି ଆଶାମଣୀ।

ବୋଦାପଡ଼ା ଗ୍ରାମର ଆଶାମଣୀ ସିଂ। ପୁଅ କାହ୍ନୁଚରଣ (୨୫) ଓ ଝିଅ ନଳିନୀଙ୍କୁ ନେଇ ତାଙ୍କ ପରିବାର। କାହ୍ନୁଙ୍କୁ ଯେତେବେଳେ ୫ ବର୍ଷ ଓ ନଳିନୀଙ୍କୁ ୧ ବର୍ଷ ହୋଇଥିଲା ସେହି ସମୟରେ ଆଶାମଣୀଙ୍କୁ ଛାଡ଼ି ସ୍ୱାମୀ ମହେଶ୍ୱର ଚାଲିଯାଇଥିଲେ। ପୁଅ ଝିଅର ମୁହଁକୁ ଚାହିଁ ଆଶାମଣୀ ଜୀବନ କାଟିବା ପାଇଁ ଶପଥ ନେଇଥିଲେ। ଦୁଃଖକଷ୍ଟ କରି ପରିବାର ଚଳାଇଲେ। ପୁଅ ଝିଅଙ୍କୁ ବଡ଼ କଲେ। ନିଜର ଦୁଃଖ ଦୂରହେବ ବୋଲି ଭାବି ବସିଲାବେଳକୁ ଦୁଃଖର ପାହାଡ଼ ଭାଙ୍ଗିପଡ଼ିଲା ତାଙ୍କ ଉପରେ। କାହ୍ନୁଙ୍କ ବୟସ ବଢ଼ିବା ସଙ୍ଗେ ମାନସିକ ସନ୍ତୁଳନ ହରାଇ ବସୁଥିଲେ ସେ। ଗୋଟିଏ କଥାକୁ ନେଇ ଜିଦ୍ ଧରୁଥିଲେ। ତାଙ୍କ କଥା ନ ରହିଲେ ଗଣ୍ଡଗୋଳ କରିବା ସହିତ ଜିନିଷପତ୍ର ପିଙ୍ଗାଫୋପଡ଼ା କରୁଥିଲେ। ପୁଣି ଘର ଛାଡ଼ି ଚାଲିଯାଉଥିଲେ। ୨ କିମ୍ବା ୩ ଦିନ ବାହାରେ ବୁଲିଲା ପରେ ଘରକୁ ଫେରୁଥିଲେ। କାହ୍ନୁଙ୍କୁ ୧୭ ବର୍ଷ ବୟସ ବେଳକୁ ଏହିଭଳି ଲକ୍ଷଣ ଦେଖାଯିବା ପରେ ଆଶାମଣୀ ତାଙ୍କର ଚିକିତ୍ସା ପାଇଁ ବିଭିନ୍ନ ଆଡ଼େ ଦେଖାଇଲେ। ପୁଅର ଚିକିତ୍ସା ପାଇଁ ଘରେ ଯାହା ଥିଲା ସେସବୁ ଖର୍ଚ୍ଚ କରି ଦେଲେ। ତଥାପି ପୁଅ ଭଲ ହେଲାନି। କଟକରେ ଜଣେ ଡାକ୍ତରଙ୍କୁ ଦେଖାକରିବା ପରେ ଏଥିପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଲା। ଏତେ ଟଙ୍କା ଯୋଗାଡ଼କରି ନ ପାରିବାରୁ ଆଶାମଣୀ ଚିକିତ୍ସା କରାଇପାରିଲେ ନାହିଁ। ଭାଗ୍ୟକୁ ଆଦରି ପୁଅକୁ ଘରେ ରଖିଲେ। ହେଲେ ୨୦୧୪ ମସିହାର ଏକ ରାତିରେ କାହ୍ନୁ ଘରୁ କେଉଁଆଡ଼େ ପଳାଇଲେ। ମା’ ଏ ନେଇ ବିଭିନ୍ନ ଆଡ଼େ ଖୋଜାଖୋଜି କରିଥିଲେ ମଧ୍ୟ ପୁଅର ପତ୍ତା ମିଳି ନ ଥିଲା। ନିଜର ଏକମାତ୍ର ପୁଅକୁ ଖୋଜିବା ଲାଗି ଥାନାଠାରୁ ଆରମ୍ଭକରି ବିଭିନ୍ନ ଆଡ଼େ ଅଭିଯୋଗ କରିଥିଲେ। ୩ ବର୍ଷ ପରେ ଅର୍ଥାତ୍ ୨୦୧୭ ମସିହାରେ ବୋଦାପଡ଼ା ଗ୍ରାମର କେତେଜଣ ଲୋକ କାହ୍ନୁ ବାଲେଶ୍ୱରରେ ବୁଲୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ଆଶାମଣୀଙ୍କୁ ଖବର ଦେବା ପରେ ସେଠାରୁ କାହ୍ନୁଙ୍କୁ ଉଦ୍ଧାର କରାଯାଇ ଘରକୁ ଅଣାଯାଇଥିଲା। ପୁଅ କାଳେ ପୁନର୍ବାର କେଉଁଆଡ଼େ ଚାଲିଯିବ ସେହି ଭୟରେ ଅଢ଼େଇବର୍ଷ ହେଲାଣି ଗୋଡ଼ରେ ଶିକୁଳି ବନ୍ଧାହୋଇ ପଡ଼ି ରହିଛି। ସକାଳୁ ଆଶାମଣୀ କାହ୍ନୁଙ୍କୁ ଉଠାଇବା ସହିତ ତାଙ୍କର ନିତ୍ୟକର୍ମ କରାନ୍ତି। ପରେ ତାଙ୍କୁ ଖୁଆଇ ଦେଇ ଆଶାମଣୀ ଘରର କାମ କରନ୍ତି। ଏକ ଅଧାପନ୍ତରିଆ କୋଠା ଘରେ ତାଙ୍କ ପରିବାର ରହୁଛନ୍ତି। ଆଶାମାଣୀ ପାଠ ନ ପଢ଼ିଥିଲେ ମଧ୍ୟ ପାଠର ମୂଲ୍ୟ ବୁଝିଛନ୍ତି। ସେଥିପାଇଁ ଝିଅକୁ ପଢ଼ାଉଛନ୍ତି। ଝିଅ ନଳିନୀ ବର୍ତ୍ତମାନ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩ ଶେଷ ବର୍ଷର କଳା ଛାତ୍ରୀ । ଆଶାମଣୀଙ୍କୁ ଟିକେ ସାହାଦେବା ପାଇଁ ପାଖରେ ତାଙ୍କ ମାଆ ରହୁଛନ୍ତି। ୩୫ କିଲୋ ଚାଉଳ ଓ ପୁଅଙ୍କୁ ମିଳୁଥିବା ୩୦୦ ଟଙ୍କା ଭତ୍ତାରେ ତାଙ୍କ ପରିବାର ଚଳୁଛି। ଦୁଃଖକଷ୍ଟ ଭିତରେ ଆଶାବିଶ୍ୱାସ ହରାଇ ନାହାନ୍ତି ଆଶାମଣୀ। ବିଶ୍ୱାସ ରଖିଛନ୍ତି ପୁଅ ଦିନେ ନା ଦିନେ ଭଲ ହୋଇ ତାଙ୍କ ଦୁଃଖ ବୁଝିବ, କଷ୍ଟ ଲାଘବ ହେବ।



ପୁଅ କାହ୍ନୁଙ୍କୁ ଖୁଆଉଛନ୍ତି ଆଶାମଣି।

### ବାଲ୍ୟବିବାହ ରୋକିବାରେ ପ୍ରଶାସନ ବିଫଳ

**ନୂଆଗାଁ,୧୧।୫ (ଡି.ଏନ.ଏ.)**

ବାଲ୍ୟ ବିବାହ ରୋକିବା ପାଇଁ ସରକାର ଅନେକ ପଦକ୍ଷେପ ନେଉଥିଲେ ମଧ୍ୟ ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଏହା ପ୍ରଭାବଶୂନ୍ୟ ହେଲାଭଳି ମନେ ହେଉଛି। ବ୍ଲକର ଅନେକ ସ୍ଥାନରେ ବାଲ୍ୟ ବିବାହ ହେଉଥିବା ବେଳେ ତାହାକୁ ରୋକିବାରେ ପ୍ରଶାସନ ବିଫଳ ହୋଇଛି। ଦୁଇମାସ ମଧ୍ୟରେ ବ୍ଲକରେ ଚାରିଗୋଟି ବାଲ୍ୟ ବିବାହ ହୋଇଥିବା ଜଣାପଡିଛି। ସେଥି ମଧ୍ୟରୁ ଜଣେ ନାବାଳକ ହୋଇଥିବା ବେଳେ ଅନ୍ୟ ତିନିଗୋଟି ନାବାଳିକା ଅଛନ୍ତି। ଦୁଇଗୋଟି ବାଲ୍ୟ ବିବାହ ବିଷୟରେ ନୂଆଗାଁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏପରି କି ପ୍ରକଳ୍ପ କାର୍ଯ୍ୟାଳୟଠାରୁ ମାତ୍ର ୫୦୦ ମିଟର ଦୂରରେ ବାଲ୍ୟ ବିବାହ କରାଯାଇଥିଲେ ମଧ୍ୟ ତାହାକୁ ରୋକାଯାଇପାରି ନ ଥିଲା। ଅନ୍ୟପକ୍ଷରେ ନିଜ ଗ୍ରାମରେ ବାଲ୍ୟ ବିବାହ ହେଉଥିବା ଜାଣି ମଧ୍ୟ ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀମାନେ ନୀରବ ରହୁଥିବା ଦେଖାଯାଉଛି। ଏ ସମ୍ପର୍କରେ ନୂଆଗାଁ ବ୍ଲକ ସିଡିପିଓ ଦାୟିତ୍ୱରେ ଥିବା ଆରତି ପଟ୍ଟନାୟକଙ୍କୁ ପଚାରିବାରେ ସେ କହିଥିଲେ, ବାଲ୍ୟ ବିବାହ ହେଉଥିବା ଖବର ପାଇଲେ ଆମେ ସେଠାରେ ପହଞ୍ଚି ତତ୍‌କ୍ଷଣାତ୍ ବନ୍ଦ କରୁଛୁ। କିନ୍ତୁ ଅନେକ ଖବର ଆମ ପାଖରେ ପହଞ୍ଚିପାରୁ ନାହିଁ । ଏପରି କି ଅଙ୍ଗନୱାଡି କର୍ମୀ ଜାଣୁଥିଲେ ମଧ୍ୟ ଆମକୁ ଜଣାଉ ନାହାନ୍ତି। ଏଥିପ୍ରତି ନଜର ରଖିବା ପାଇଁ ମୁଁ ଅଙ୍ଗନୱାଡି କର୍ମୀମାନଙ୍କୁ ତାଗିଦ୍ କରିବି।

# ତ୍ୱରିତ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱ

**ଭାପୁର/ଖଣ୍ଡପଡା୧୧।୫ (ଡି.ଏନ.ଏ./ସ୍ୱ.ପ୍ର.)**

ଭାପୁର ବ୍ଲକ ମୁଖ୍ୟାଳୟରେ ଶନିବାର ହାଇକୋର୍ଟ ବିଚାରପତି ବିଶ୍ୱନାଥ ରଥଙ୍କ ଦ୍ୱାରା ଜେଏମଏଫ୍‌ସି କୋର୍ଟ ଉଦ୍‌ଘାଟିତ ହୋଇଯାଇଛି। ବିଚାରପତି ରଥ ଓ ଅନ୍ୟ ଅତିଥିମାନଙ୍କୁ ଭାପୁର ଓକିଲସଂଘ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇ ଶୋଭାଯାତ୍ରାରେ ପଞ୍ଚାୟତ କାର୍ଯ୍ୟାଳୟରେ ଅସ୍ଥାୟୀ ଭାବେ ନିର୍ମିତ କୋର୍ଟ ପରିସରକୁ ପାଛୋଟି ନିଆଯାଇଥିଲା। ସେଠାରେ ପୋଲିସ ବିଭାଗ ପକ୍ଷରୁ ବିଚାରପତିଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା । ଆୟୋଜିତ ସଭାରେ ବିଚାରପତି ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ତ୍ୱରିତ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଜଜ୍ ଗୋପାଳ ଚନ୍ଦ୍ର ପଟ୍ଟନାୟକ, ହାଇକୋର୍ଟ ରେଜିଷ୍ଟ୍ରାର ପ୍ରତାପ ଚନ୍ଦ୍ର ପାତ୍ର, ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀଧର ପଙ୍ଗାରୀ, ନୟାଗଡ଼ ଜିଲାପାଳ ଏନ୍ ତିରୁମାଲା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଭାପୁର ବାର ଆସୋସିଏଶନ ସଭାପତି ଗଙ୍ଗାଧର ପଣ୍ଡା, ସମ୍ପାଦକ ସନାତନ ଷଡଙ୍ଗୀ ମଞ୍ଚ ପରିଚାଳନା କରିଥିବାବେଳେ ନୟାଗଡ଼ ସବ୍‌ଜଜ୍ ପ୍ରଦୋଷ ରାଉତ ସଂଯୋଜନା କରିଥିଲେ। ଖଣ୍ଡପଡା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମନସ୍ୱିନୀ ରଥ, ଆଜିଠାରୁ ଦାୟିତ୍ୱ ନେଇଥିବା ଭାପୁର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ମରଣିକା ପ୍ରଧାନ, ଭାପୁର ତହସିଲଦାର ସୁନୀତା ଜେନା, ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକ, ଆଡିସନାଲ ଏସ୍‌ପି ଦିଲୀପ କୁମାର ସାହାଣୀ, ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଭାପୁର ଓକିଲସଂଘ ସମ୍ପାଦକ ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ । ଆସନ୍ତା ସୋମବାରଠାରୁ କୋର୍ଟ କାର୍ଯ୍ୟ ଚାଲିବ ବୋଲି ଜଣାପଡିଛି।



ଉତ୍ସବରେ ହାଇକୋର୍ଟ ବିଚାରପତିଙ୍କ ସହ ଅନ୍ୟ ଅତିଥିମାନେ।

## ଭାପୁରରେ ଜେଏମ୍‌ଏଫ୍‌ସି କୋର୍ଟ ଉଦ୍‌ଘାଟିତ

### ପୂର୍ବ ଶତ୍ରୁତାରୁ ଆକ୍ରମଣ: ଯୁବକ ଗୁରୁତର: ଥାନାରେ ମାମଲା

**ରଣପୁର,୧୧।୫(ସ୍ୱ.ପ୍ର.)**

ରଣପୁର ଥାନା ବୃନ୍ଦାବନପୁର ପଞ୍ଚାୟତ ଲେଖନପୁର ଗ୍ରାମର ପ୍ରତାପ କୁମାର ସାହୁଙ୍କୁ(୪୭) ଶୁକ୍ରବାର ପୂର୍ବ ଶତ୍ରୁତାରୁ ଆକ୍ରମଣ କରାଯାଇଛି। ଏ ନେଇ ପ୍ରତାପ ରଣପୁର ଥାନାରେ ଲିଖିତ ଅଭିଯୋଗ କଲା ପରେ ପୋଲିସ ୯୯/୧୯ରେ ଏକ ମାମଲା ରୁଜୁ କରିଛି। ଅଭିଯୋଗରୁ ପ୍ରକାଶ ଯେ, ପ୍ରତାପଙ୍କ ପରିବାର ଉପରେ ଗ୍ରାମର କିଛି ଲୋକ କୌଣସି କାରଣରୁ ରାଗ ରଖି ତାଙ୍କ ପରିବାରକୁ ଗ୍ରାମରୁ ତଡିଦେବା ପାଇଁ ଯୋଜନା କରିଆସୁଥିଲେ। ତେଣୁ ପରିବାର ସହ ଗ୍ରାମରେ ସେ ଏକୁଟିଆ ରହିଆସୁଥିଲେ । କୌଣସି କାରଣକୁ ନେଇ ଶୁକ୍ରବାର ରାତିରେ ଗ୍ରାମର ୧୦ରୁ ଊର୍ଦ୍ଧ୍ୱ ଲୋକ ହାତରେ ଠେଙ୍ଗା, କଟୁରି, ବନ୍ଧୁକ ଧରି ପ୍ରତାପଙ୍କ ଘରେ ପଶି ଆକ୍ରମଣ କରିଥିଲେ। ମୋଟରସାଇକେଲ ଭାଙ୍ଗିଦେବା ସହିତ ପ୍ରତାପ ରଖିଥିବା ୨ଟି ଛେଳିକୁ ମାରି ନେଇଯାଇଥିଲେ। ଏହାକୁ ବିରୋଧ କରିବାରୁ ପ୍ରତାପଙ୍କୁ ନିସ୍ତୁକ ମାଡ଼ ମାରି ସେଠାରୁ ପଳାଇଥିଲେ। ପରେ ପରିବାର ଲୋକମାନେ ପ୍ରତାପଙ୍କୁ ରଣପୁର ସରକାରୀ ଡାକ୍ତରଖାନାରେ ଭର୍ତ୍ତିକରିଥିଲେ । ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।



ରଣପୁର ବନବିଭାଗ ଅଧୀନ ମଣିନାଗ ସଂରକ୍ଷିତ ଜଙ୍ଗଲ ସାନଗଡ଼ଠାରେ ଏକ ଚୁଆକୁ ପାଣି ପିଇବାକୁ ଆସିଥିବା ଏକ ଅଜଗରକୁ କେହି ପିଟି ମାରିଦେଇଛନ୍ତି।

### ସ୍କୁଲ ଖୋଲିବା ପୂର୍ବରୁ ଶ୍ରେଣୀଗୃହ ନିର୍ମାଣ ଦାବି

**ରଣପୁର,୧୧।୫(ସ୍ୱ.ପ୍ର.):** ଗତ ୩ ତାରିଖରେ ସାମୁଦ୍ରିକ ଝଡ ଫନୀ ପ୍ରଭାବରେ ରଣପୁର ଏନ୍‌ଏସିର ବହୁ ପୁରାତନ ବାଳିକା ବିଦ୍ୟାଳୟ କ୍ଷତିଗ୍ରସ୍ତ ହୋଇଛି । ୮ଟି ଶ୍ରେଣୀ ଗୃହର ଆଜବେଷ୍ଟସ୍ ଉଡିଯାଇଥିବାବେଳେ କେତେକ କାନ୍ଥ ଫାଟିଯାଇଛି । ଛାତ୍ରୀମାନଙ୍କ ପାଇଁ କରାଯାଇଥିବା ସାଇକେଲ ଷ୍ଟାଣ୍ଡ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି । ଶ୍ରେଣୀଗୃହରେ ପଡିଥିବା ଟେବୁଲ ଚେୟାର ମଧ ଭାଙ୍ଗି ନଷ୍ଟ ହୋଇଛି । ଜୁନ ୧୮ ତାରିଖରେ ବିଦ୍ୟାଳୟ ଖୋଲିବାକୁ ଥିଲାବେଳେ ବିଦ୍ୟାଳୟର ଏପରି ଅବସ୍ଥା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ଚିନ୍ତାରେ ପକାଇଛି । ପ୍ରକାଶ ଯେ, ୧୯୬୫ ମସିହାରେ ପ୍ରଥମ କରି ରଣପୁର ପୂର୍ତ୍ତବିଭାଗ କାର୍ଯ୍ୟାଳୟ ପାଖରେ ଛାତ୍ରୀମାନଙ୍କ ପାଇଁ ବିଦ୍ୟାଳୟଟି ସ୍ଥାପିତ ହୋଇଥିଲା। ସେହି ସମୟରୁ ନିର୍ମିତ ଆଜବେଷ୍ଟସ୍ ଶ୍ରେଣୀଗୃହରେ ଛାତ୍ରୀମାନେ ପାଠ ପଢି ବହୁ ବଡ ବଡ ପଦ ପଦବୀରେ ଅଧିଷ୍ଠିତ ହୋଇଛନ୍ତି। ହେଲେ ବିଦ୍ୟାଳୟର ନୂତନ କୋଠା ନିର୍ମାଣ ହୋଇଥିଲେ ମଧ ଆଖିଦୃଶିଆ ଉନ୍ନତି ହୋଇନାହିଁ । ଏହି ବିଦ୍ୟାଳୟରେ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀ ଅଧ୍ୟୟନ କରନ୍ତି। ତୁରନ୍ତ ଶିକ୍ଷାନୁଷ୍ଠାନର ପୁରୁଣା ଗୃହ ଭଙ୍ଗାଯାଇ ନୂତନ କୋଠା ନିର୍ମାଣ କରିବା ସହିତ ଆନୁଷଙ୍ଗିକ ଶିକ୍ଷା ସାମଗ୍ରୀ ଯୋଗାଇଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

### ବନ୍ଧୁକ ଦେଖାଇ ଲୁଟିନେଲେ ୧.୪୬ ଲକ୍ଷ

**ରଣପୁର,୧୧।୫(ସ୍ୱ.ପ୍ର.)**

ନୟାଗଡ ଜିଲା ଶରଣକୁଳରେ କାର୍ଯ୍ୟ କରୁଥିବା ପିପୁଲସ୍ ଫୋରମ୍‌ର ଜଣେ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ୧ଲକ୍ଷ ୪୬ ହଜାର ଟଙ୍କା ଲୁଟିନେଇଥିବା ନେଇ ଶନିବାର ରଣପୁର ଥାନାରେ ଅଭିଯୋଗ ହୋଇଛି। ରଣପୁର ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସବ୍‌ଇନ୍ସପେକ୍ଟର ପ୍ରୀତିପ୍ରକାଶ ମହାନ୍ତି ଓ ଷ୍ଟାଫ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କୁ ଧରିବାରେ ସକ୍ଷମ ହୋଇପାରି ନାହାନ୍ତି। ଘଟଣାରୁ ପ୍ରକାଶ ଯେ, ଭଦ୍ରକ ଜିଲାର ଅଭିନାଶ ସାହୁ ଶରଣକୁଳଠାରେ ଥିବା ବେସରକାରୀ ସଂସ୍ଥା ପିପୁଲସ୍ ଫୋରମ୍‌ରେ କାର୍ଯ୍ୟ କରନ୍ତି। ଏହି ସଂସ୍ଥା ଗ୍ରାମୀଣ ମହିଳାମାନଙ୍କୁ ଅର୍ଥ ଲଗାଇ ସେମାନଙ୍କଠାରୁ କିସ୍ତି ଆକାରରେ ଟଙ୍କା ଫେରସ୍ତ ନେଇଥାଏ। ପ୍ରତିଦିନ ପରି ଶନିବାର ରଣପୁର ଅଞ୍ଚଳର ଏହି ସଂସ୍ଥା ତରଫରୁ ଗଠନ କରାଯାଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କଠାରୁ ଅଭିନାଶ ୧ଲକ୍ଷ ୪୬ ହଜାର ୭୧୨ଟଙ୍କା ଆଦାୟ କରିଥିଲେ। ସେ ବ୍ୟାଗ୍‌ରେ ଏହି ଟଙ୍କା ରଖି ରଖି ଅପରାହ୍ନ ୩ଟାରେ ବାଇକ୍ ଯୋଗେ ଶରଣକୁଳ ଅଭିମୁଖେ ବାହାରିଥିଲେ। ଖଡିଆ ଲୁଣିସାହି ଜଙ୍ଗଲ ମଝି ରାସ୍ତାରେ ହଠାତ୍ ଦୁଇଟି ବାଇକ୍‌ରେ ଦୁଇଜଣ ଯୁବକ ଅଭିନାଶଙ୍କ ଆଗରେ ଗାଡି ରଖିଥିଲେ। ଅଭିନାଶ ବାଇକ୍ ଅଟକାଇବାରୁ ଜଣେ ଯୁବକ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଟଙ୍କା ବ୍ୟାଗ୍ ଛଡାଇ ନେଇଥିଲେ। ପରେ ଦୁଇ ଦୁଇ ଯୁବକ ଆଖି ପିଛୁଳାକେ ସେଠାରୁ ଫେରାର ହୋଇଯାଇଥିଲେ। ପରେ ଅଭିନାଶ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ନାବାଳିକା ବିବାହ ରୋକିଲା ପ୍ରଶାସନ

**ପୋଲସରା,୧୧।୫(ଡି.ଏନ.ଏ.)**

ଗଞ୍ଜାମ ଜିଲା ପୋଲସରା ଥାନା ମଧୁପଲ୍ଲୀ ଗ୍ରାମପଞ୍ଚାୟତ ଜିଲୁଣ୍ଡୀ ଗ୍ରାମରେ ଶୁକ୍ରବାର ଚାଲିଥିବା ଜଣେ ନାବାଳିକାଙ୍କ ବିବାହକୁ ପ୍ରଶାସନ ରୋକିବାରେ ସକ୍ଷମ ହୋଇଛି। ଜିଲୁଣ୍ଡୀରେ ସଞ୍ଜୟ ପ୍ରଧାନଙ୍କ ସହ କୋଦଳା ଥାନା ଅଞ୍ଚଳର ନାବାଳିକାଙ୍କ ବିବାହ କାର୍ଯ୍ୟ ଚାଲିଥିଲା। ଖବର ପାଇ ଶୁକ୍ରବାର ରାତିରେ ପ୍ରଶାସନ ପକ୍ଷରୁ ପୋଲସରା ମହିଳା ଓ ଶିଶୁ ବିକାଶ ଅଧିକାରୀ କୁନ୍ତଳା ନାୟକ, ବେଗୁନିଆପଡ଼ା ମହିଳା ଓ ଶିଶୁ ବିକାଶ ଅଧିକାରୀ ସନ୍ଧ୍ୟାରାଣୀ ପାଣିଗ୍ରାହୀ, ପୋଲସରା ଥାନାର ଏସ୍‌ଆଇ ବିଘୁଟି ମହାନ୍ତି ପ୍ରମୁଖ ପହଞ୍ଚି ବିବାହକୁ ରୋକିଥିଲେ। ଏବଂ ନାବାଳିକାଙ୍କୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଥିଲେ।

# ନଦୀ ତଟବର୍ତ୍ତୀ ଜମିର ସୁରକ୍ଷା ଚିନ୍ତା

■ପ୍ରତିବର୍ଷ ବନ୍ୟାରେ ନଷ୍ଟ ହେଉଛି ଚାଷଜମି
■ଏସ୍‌କେପ ନିର୍ମାଣ ପାଇଁ ଦାବି କଲେ ଚାଷୀ

**ଖଣ୍ଡପଡା,୧୧।୫(ସ୍ୱ.ପ୍ର.)**

ପ୍ରତିବର୍ଷ କୁସୁମୀ ଓ କୁଆଁରିଆ ନଦୀ ବନ୍ୟାରେ ଉଭୟ ପାର୍ଶ୍ୱ ଅତଡା ଖାଇ ମୃତ୍ତିକା କ୍ଷୟ ହେଉଛି। ଏହାସହ ନଦୀ ତଟବର୍ତ୍ତୀ ଚାଷଜମି ବାଲିଚର ହୋଇ ନଷ୍ଟ ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଉଭୟ ନଦୀର ସଙ୍ଗମ ସ୍ଥଳରେ ଜଳସମ୍ପଦ ବିଭାଗ ପକ୍ଷରୁ ଏସ୍‌କେପ (ପଥରବନ୍ଧ) ନିର୍ମାଣ କରାଯିବାକୁ ସ୍ଥାନୀୟ ଚାଷୀମାନେ ଦାବି କରିଛନ୍ତି। ଏହା ହେଲେ ନଦୀ ତଟବର୍ତ୍ତୀ ଜମିର ସୁରକ୍ଷା ହେବା ସହ ବର୍ଷାଋତୁ ଛଡା ଅନ୍ୟ ସମୟରେ ଜମିକୁ ଜଳସେଚନ ହୋଇପାରିବ ବୋଲି ସେମାନେ ମତ ଦେଇଛନ୍ତି।

କଣ୍ଟିଲୋ, ଦୁଆରଗାଁ ଓ ଧାନଚେଙ୍ଗଡା ଗ୍ରାମ ନିକଟ କୁସୁମୀ ଓ କୁଆଁରିଆ ନଦୀର ସଙ୍ଗମ ସ୍ଥଳରୁ କମେଇ ନଦୀର ସୃଷ୍ଟି । କମେଇ ନଦୀର ଓସାର ପ୍ରାୟ ଦେଢଶହ ଫୁଟ ହେବ। ସଙ୍ଗମ ସ୍ଥଳଠାରୁ ପ୍ରାୟ ୪କି.ମି. ଦୂର ତଳମୁଣ୍ଡରେ ପ୍ରବାହିତ ମହାନଦୀ ସହ କମେଇ ନଦୀ ମିଶିଛି। ନିକଟବର୍ତ୍ତୀ ଗ୍ରାମ ଓ ଚାଷଜମିର ସୁରକ୍ଷା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ କମେଇ ବ୍ରିଜଠାରୁ ଧାନଚେଙ୍ଗଡା ପର୍ଯ୍ୟନ୍ତ କମେଇ ନଦୀର ଦକ୍ଷିଣ ପାର୍ଶ୍ୱରେ ପ୍ରାୟ ଅଢେଇ କି.ମି. ଲମ୍ବର ମାଳବନ୍ଧ ନିର୍ମାଣ କରାଯାଇଛି । ସେହିପରି କଣ୍ଟିଲୋ ପୂର୍ତ୍ତ ବିଭାଗ ରାସ୍ତାଠାରୁ କମେଇ ବାମପାର୍ଶ୍ୱ ଧୋବଣୀଘାଇ–ଭାଗବତ ମୁଣ୍ଡିଆ ପର୍ଯ୍ୟନ୍ତ ପ୍ରାୟ ୪ କି.ମି. ଲମ୍ବର ମାଳବନ୍ଧ କରାଯାଇଛି । ମାତ୍ର କମେଇ ନଦୀ ଓ ଏହାର ବାମପାର୍ଶ୍ୱ ମାଳବନ୍ଧ ମଧ୍ୟରେ ଥିବା ଛଣପାଟ, ପାଟକୁକୁଟା, ବୋଲୁଅପାଟ, କେନ୍ଦୁଆ ଓ ମରେଇକଣର ପ୍ରାୟ ହଜାର ଏକରରୁ ଊର୍ଦ୍ଧ୍ୱ ଜମି ପ୍ରତି ବର୍ଷ ବନ୍ୟାରେ ଜଳମଗ୍ନ ହୋଇଥାଏ । ପଟୁ ମାଡିଯାଉ ଥିବାରୁ ଏହିସବୁ ଜମିରେ ଧାନ ଫସଲ କରିବା ସମ୍ଭବ ନୁହେଁ। ଏହି ଜମିରେ ଧାନ ବ୍ୟତୀତ ଆଖୁ, ମୁଗ, ବିରି, କୋଳଥ ଓ ବାଦାମ ଚାଷ କରାଯାଇଥାଏ । ପରିତାପର ବିଷୟ ବନ୍ୟା ଜଳ ଉକ୍ତ ଜମିରେ ପ୍ରବାହିତ ହେବା ସମୟରେ ଅଧିକାଂଶ ଜମି ବାଲିଚର ହେବା ସହ ନଦୀ କୂଳରେ ଥିବା ଜମି ଅତଡା ଖାଇ ଲୀନ ହେଉଛି। ଏ ନେଇ କ୍ଷତିଗ୍ରସ୍ତ ଚାଷୀ ଜଳସମ୍ପଦ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦୀର୍ଘ ବର୍ଷରୁ ଗୁହାରି କରିଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏହି ପରିପ୍ରେକ୍ଷୀରେ କମେଇ ନଦୀ କୂଳ ଜମିର ସୁରକ୍ଷା ତଥା ବାଲିଚରରୁ ରକ୍ଷା ପାଇଁ କୁସୁମୀ ଓ କୁଆଁରିଆ ନଦୀର ସଙ୍ଗମସ୍ଥଳ ତଳମୁଣ୍ଡରେ ପ୍ରାୟ ଦେଢଶହ ଫୁଟ ଲମ୍ବ ଓ ୨ ମିଟର ଉଚ୍ଚତା ବିଶିଷ୍ଟ ଏସ୍‌କେପ ନିର୍ମାଣ କରାଗଲେ ଚାଷୀମାନଙ୍କର ବହୁ ଦିନର ସମସ୍ୟା ଦୂର ହୋଇପାରନ୍ତା। ଅପରପକ୍ଷେ ବର୍ଷାଋତୁ ପରେ ନଦୀଜଳ ଶୁଖିଯାଉଥିବାରୁ ନଦୀ ତଟବର୍ତ୍ତୀ ଜମିମାନଙ୍କରେ ଫସଲ ପାଇଁ ପାଣିର ଦରକାର ପଡିଥାଏ। ନଦୀ ମଧ୍ୟରେ ଏସକେପ୍ ନିର୍ମାଣ ହେଲେ ଗଚ୍ଛିତ ଜଳକୁ ଜଳସେଚନ ସୁବିଧା ହୋଇପାରନ୍ତା। ସୂଚନାଯୋଗ୍ୟ ଯେ, ବନ୍ୟା ସମୟରେ କମେଇ ନଦୀର ଜଳ ପତନ କୂଳଲଙ୍ଘି ପ୍ରାୟ ୨୫/୩୦ ଫୁଟ ଉଚ୍ଚରେ ପ୍ରବାହିତ ହୋଇଥାଏ। ନଦୀ ମଧ୍ୟରେ ଏସ୍‌କେପ ନିର୍ମାଣ ହେଲେ ବନ୍ୟା ସ୍ରୋତରେ ଭାସି ଆସୁଥିବା ବାଲି ଏଥିରେ ବାଧାପାଇ ଅଟକିଯିବା ସହ ସ୍ରୋତ ତା’ର ପ୍ରଖରତା ହରାଇବସନ୍ତା। ଏହାର ପ୍ରତିକାର ସମ୍ପର୍କରେ ସ୍ଥାନୀୟ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଶଙ୍କର ଦଳେଇଙ୍କ ସହ ଆଲୋଚନା କରିବାରୁ ସେ କହିଥିଲେ, ପଥରବନ୍ଧ ନିର୍ମାଣର ଆବଶ୍ୟକତା ରହିଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଉକ୍ତ ସ୍ଥାନ ପରିଦର୍ଶନ କରି ଅନୁକୂଳ ମତ ପୋଷଣ କରିବା ପରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇପାରେ।



କମେଇ ନଦୀ କୂଳ ଅତଡ଼ା ଖାଇ ନଷ୍ଟ ହେବାରେ ଲାଗିଛି।

